
ସମୟ
୨୫ ଅକ୍ଟୋବର ୨୦୨୬ ରବିବାର
ଧନଦାତ୍ରୀ



**ଓଡ଼ିଶାରେ ବିଭିନ୍ନ ସମୟରେ ଭିନ୍ନଭିନ୍ନ ପ୍ରକାରର ପର୍ବ ପାଳନ ହୋଇଥାଏ, ଯାହା ଆମର କଳା, ସଂସ୍କୃତି ଓ ଐତିହ୍ୟକୁ ବହନ କରିଥାଏ । ସେହିଭଳି ଏକ ପର୍ବ ହେଲା କୁମାର ପୂର୍ଣ୍ଣିମା, ଯାହା କୁମାରୀମାନଙ୍କର ପର୍ବ । କୁମାର ପୂର୍ଣ୍ଣିମାର ବିଧି ଓ ମହତ୍ତ୍ୱକୁ ନେଇ ସ୍ୱତନ୍ତ୍ର ଉପସ୍ଥାପନା...**

କୁମାର ପୂର୍ଣ୍ଣିମା ଓଡ଼ିଶାର ଏକ ବିଶେଷ ପର୍ବ । ଏହା କୁମାରୋତ୍ସବ ନାମରେ ମଧ୍ୟ ଜଣାଶୁଣା । ଆଶ୍ୱିନ ମାସ ପୂର୍ଣ୍ଣିମା ତିଥିରେ ଏହି ପର୍ବଟି ପାଳିତ ହୁଏ । ଏହି ପୂର୍ଣ୍ଣିମା ଶରତ ଋତୁରେ ପଡୁଥିବାରୁ କେତେକ ସ୍ଥାନରେ ଏହାକୁ ଶରତ ପୂର୍ଣ୍ଣିମା ମଧ୍ୟ କୁହାଯାଏ । ଏହିଦିନ ଜଗତମାତା ମା' ଲକ୍ଷ୍ମୀ ଦେବୀଙ୍କର ଆରାଧନା କରାଯାଉଥିବାରୁ ଏହାକୁ ଗଜଲକ୍ଷ୍ମୀ ପୂଜା ବୋଲି ମଧ୍ୟ ସମ୍ବୋଧନ କରାଯାଇଥାଏ । ଏହି ଦିନ ଓଡ଼ିଶାବାସୀ ତୁଳସୀ ଚଉରା, ଗଜଲକ୍ଷ୍ମୀ, ଚନ୍ଦ୍ରଙ୍କର ପୂଜା ଆରାଧନା କରି ନିଜର ସୁଖ, ସୌଭାଗ୍ୟ, ଯଶ, ଆଦି କାମନା କରିଥାନ୍ତି । ଓଡ଼ିଶାରେ ଏହି ପର୍ବ ସାଧାରଣତଃ କୁମାରୀ କନ୍ୟାମାନେ କାର୍ତ୍ତିକେୟଙ୍କ ଭଳି ସୁନ୍ଦର ଜୀବନସାଥୀ ପାଇବା ପାଇଁ କରିଥାନ୍ତି । ତେବେ ମହାରାଷ୍ଟ୍ର, ପଶ୍ଚିମ ବଙ୍ଗ, ଗୁଜରାଟ ଭଳି ଭାରତର ଅନ୍ୟାନ୍ୟ ରାଜ୍ୟରେ ସ୍ତ୍ରୀ ପୁରୁଷ ନିର୍ବିଶେଷରେ ସମସ୍ତେ ଏହି ପର୍ବକୁ ପାଳନ କରିଥାନ୍ତି । ଏହି ଦିନ ଚନ୍ଦ୍ର ପୃଥିବୀର ନିକଟତମ ସ୍ଥିତିରେ ଥାଏ ଏବଂ ଚନ୍ଦ୍ର କିରଣ ମଣିଷର ସ୍ୱାସ୍ଥ୍ୟ ଓ ଚିନ୍ତାଧାରା ଉପରେ ସକରାତ୍ମକ ପ୍ରଭାବ ପକାଇଥାଏ ବୋଲି ବିଶ୍ୱାସ ରହିଛି । ତେଣୁ ଏହି ଦିନଟିକୁ ଭାରତର ବିଭିନ୍ନ ପ୍ରାନ୍ତରେ ଖୁବ୍ ଆଡ଼ମ୍ବର ସହକାରେ ପାଳନ କରାଯାଇଥାଏ ।

## ବିଧି

ଓଡ଼ିଶାରେ କୁମାର ପୂର୍ଣ୍ଣିମାକୁ ମୁଖ୍ୟତଃ କୁମାରୀ କନ୍ୟାମାନଙ୍କର ପର୍ବ ରୂପେ ବିବେଚନା କରାଯାଏ । ଏହି ଦିନ କୁମାରୀମାନେ ସୁନ୍ଦର ବର ପାଇବା ଉଦ୍ଦେଶ୍ୟରେ କାର୍ତ୍ତିକେୟଙ୍କୁ ଆରାଧନା କରିବା ସହ ଚନ୍ଦ୍ର ପୂଜା ମଧ୍ୟ କରିଥାନ୍ତି । ଏହାସହ ସେମାନେ ସନ୍ଧ୍ୟା ସମୟରେ ତୁଳସୀ ଚଉରା ଆଗରେ ବନ୍ଦାପନା ମଧ୍ୟ କରିଥାନ୍ତି ।







ପୁରାଣରେ କଥିତ ଅଛି ଯେ ତୁଳସୀ ଦେବୀ ଜଣେ ପରମ ପତିବ୍ରତା ନାରୀ ଥିଲେ । ଯୁଗେ ଯୁଗେ କୁମାରୀମାନେ ଉତ୍ତମ ବର ପାଇବା ପାଇଁ ଓ ବିବାହିତା ନାରୀମାନେ ନିଜ ସ୍ୱାମୀଙ୍କ ସୁଖ ସମୃଦ୍ଧି ପାଇଁ ଚଉରା ପୂଜା କରି ଆସିଛନ୍ତି । ତେଣୁ କୁମାର ପୂର୍ଣ୍ଣିମାରେ ମଧ୍ୟ ଚଉରା ପୂଜା କରାଯାଇଥାଏ । ସେହିପରି ଭଗବାନ ଶିବଙ୍କର ପୁଅ କାର୍ତ୍ତିକେୟ ଈଶ୍ୱରମାନଙ୍କ ମଧ୍ୟରେ ସବୁଠାରୁ ସୁନ୍ଦର ବୋଲି ପୁରାଣରେ କଥିତ ଅଛି । ସେ ଏହି ଦିନ ତାଡ଼କାସୁର ସହିତ ଯୁଦ୍ଧ ଆରମ୍ଭ କରିଥିଲେ । ତାଡ଼କାସୁରକୁ ପରାଜିତ କରିଥିବାରୁ ତାଙ୍କୁ ଯୁଦ୍ଧର ଦେବତା ଭାବେ ମଧ୍ୟ ଜଣାଯାଏ । ତେବେ ଏହି ପର୍ବରେ କାର୍ତ୍ତିକେୟଙ୍କ ପାଇଁ କୌଣସି ବିଶେଷ ପୂଜା ବିଧି ନାହିଁ । ଏହି ଦିନ ଘରର କୁମାରୀମାନେ ଭୋରରୁ ଉଠି ସ୍ନାନାଦି ନିତ୍ୟକର୍ମ ସାରି ନୂତନ ବସ୍ତ୍ର ପରିଧାନ କରିଥାନ୍ତି । ଏହାପରେ ସେମାନେ ଆଞ୍ଜୁଳାରେ ସାତ ପ୍ରକାରର ଫଳ ନେଇ ସୂର୍ଯ୍ୟଙ୍କ ଉଦ୍ଦେଶ୍ୟରେ ଅର୍ପଣ କରିଥାନ୍ତି । ଏହି ବିଧିକୁ ଆଞ୍ଜୁଳା ଟେକା ବିଧି କୁହାଯାଏ । ଏହି ପର୍ବରେ କୁମାରୀମାନେ ଦିନସାରା ଉପବାସ କରିଥାନ୍ତି । ସନ୍ଧ୍ୟା ସମୟରେ କୁମାରୀମାନେ ପୁଣି ନୂତନ ବସ୍ତ୍ର ପରିଧାନ କରି ଚନ୍ଦ୍ର ଓ ଚଉରାଙ୍କୁ ପୂଜା କରିଥାନ୍ତି । କୁମାର ପୂର୍ଣ୍ଣିମାର କିଛିଦିନ ପୂର୍ବରୁ ଚଉରାକୁ ଭଲ ଭାବରେ ସଫା କରି ରଙ୍ଗ କରାଯାଇଥାଏ । କୁମାର ପୂର୍ଣ୍ଣିମା ଦିନ ସନ୍ଧ୍ୟାରେ ଚଉରା ଆଗରେ ମୁରୁଜରେ ବିଭିନ୍ନ ପ୍ରକାର ଚିତ୍ର କରାଯାଇଥାଏ ଓ ଚଉରାକୁ ଫୁଲ ଓ ସିନ୍ଦୁରରେ ସଜାଯାଇଥାଏ। ଚଉରାକୁ ସଜାଇବାରେ ମୁଖ୍ୟତଃ କଇଁ ଫୁଲ ବ୍ୟବହାର କରାଯାଇଥାଏ। ଚଉରା ଆଗରେ ପିଢ଼ାରେ ଗୁଆ ରଖି ତା' ଉପରେ ଦୁବ ଘାସ, ଫୁଲ, ବରକୋଳି ପତ୍ର ଦେଇ ସଜାଯାଇଥାଏ । ଚଉରା ପାଖରେ ସ୍ଥାପନ କରାଯାଇଥିବା କଳସରେ ମଧ୍ୟ ଆମ୍ବଡାଳ, ଗୁଆ, ସିନ୍ଦୁର, ଚନ୍ଦନ ଇତ୍ୟାଦି ଦେଇ ଅନୁରୂପ ଭାବେ ସଜାଯାଇଥାଏ । ଭୋଗ ପାଇଁ ଖଇ, ନଡ଼ିଆ, କଦଳୀ, ଛେନା, ଦହି, କ୍ଷୀର, କାକୁଡ଼ି, ତାଳସଜ, ମହୁ, ଅଦା, ଘିଅ, ଆଖୁ, ଗଜା ମୁଗ, ସେଓ, ଚିନି ଇତ୍ୟାଦି ପଡ଼ି ଏକ ଚକଟା ପ୍ରସ୍ତୁତ କରାଯାଇଥାଏ। ଏହି ଚକଟାକୁ ଚାନ୍ଦ ଚକଟା କୁହାଯାଏ ।

ଏହି ପର୍ବରେ ତିଆରି କରାଯାଉଥିବା ମଣ୍ଡା ପିଠା ଓଡ଼ିଶାର ମୁଖ୍ୟ ଆକର୍ଷଣମାନଙ୍କ ମଧ୍ୟରୁ ଅନ୍ୟତମ । ପୂଜା ସମୟରେ ଚାନ୍ଦ ଚକଟା ଓ ମଣ୍ଡା ପିଠା ଭୋଗ ଚଉରା ଏବଂ ଚନ୍ଦ୍ରଙ୍କୁ ଅର୍ପଣ କରି ସେମାନଙ୍କୁ ଶଙ୍ଖ ଓ ହୁଳହୁଳି ସହ ଦୀପରେ ବନ୍ଦାଇ ଦିଆଯାଏ । ଯେଉଁ ଘରେ କୌଣସି କୁମାରୀ କନ୍ୟା ନଥାନ୍ତି, ସେ ଘରେ ବିବାହିତା ସ୍ତ୍ରୀମାନେ ନିଜ ସ୍ୱାମୀଙ୍କ ସୁଖ ସମୃଦ୍ଧି କାମନା କରି ଚଉରା ଓ ଚନ୍ଦ୍ର ପୂଜା କରିଥାନ୍ତି । ପୂଜା ସରିଲା ପରେ ଭୋଗ ଖାଇ କୁମାରୀ କନ୍ୟାମାନେ ନିଜର ସାରା ଦିନର ଉପବାସ ଭାଙ୍ଗିଥାନ୍ତି । ଗାଁ ଗହଳିର ଝିଅମାନେ ଗୀତ ଗାଇ ପୁଚି ଖେଳିଥାନ୍ତି । ପୁଅମାନେ ପଶା ଓ ତାସ୍ ଖେଳି ମନୋରଞ୍ଜନ କରିଥାନ୍ତି । କେତେକ ଅଞ୍ଚଳରେ ଏହି ଦିନ ଘରର ଜ୍ୱାଇଁମାନଙ୍କୁ ମଧ୍ୟ ବିଭିନ୍ନ ପ୍ରକାରର ଉପହାର ଦିଆଯାଇଥାଏ। ଭାଦ୍ରବ ପୂର୍ଣ୍ଣିମା ବା ଇନ୍ଦୁ ପୂର୍ଣ୍ଣିମାଠାରୁ କୁମାର ପୂର୍ଣ୍ଣିମା ପର୍ଯ୍ୟନ୍ତ କୁମାରୀ କନ୍ୟାମାନେ ଏକାଠି ହୋଇ ଜହ୍ନି ଓଷା କରନ୍ତି । ଏହି ଓଷାର ଉଦ୍‌ଯାପନ କୁମାର ପୂର୍ଣ୍ଣିମା ଦିନ ହୋଇଥାଏ ।

## ଗଜଲକ୍ଷ୍ମୀ ପୂଜା

କୁମାର ପୂର୍ଣ୍ଣିମା ଦିନକୁ ଲକ୍ଷ୍ମୀଙ୍କର ଜନ୍ମଦିନ ରୂପେ ମଧ୍ୟ ପାଳନ କରାଯାଏ । ଏହି ଦିନ ସମୃଦ୍ଧିର ଦେବୀ ଲକ୍ଷ୍ମୀଙ୍କୁ ଗଜ ବାହନ ସହ ପୂଜା କରାଯାଇଥାଏ । ଏହି ପୂଜା ଅବସରରେ ଓଡ଼ିଶାର ବିଭିନ୍ନ ସ୍ଥାନରେ ସୁନ୍ଦର ଲକ୍ଷ୍ମୀ ମେଢ଼ମାନ ତିଆରି ହୋଇଥାଏ । ଓଡ଼ିଶାର ଢେଙ୍କାନାଳ ଜିଲ୍ଲା ଗଜଲକ୍ଷ୍ମୀ ପୂଜା ପାଇଁ ପ୍ରସିଦ୍ଧ। ଢେଙ୍କାନାଳରେ ଏହି ପୂଜା ପ୍ରଥମ ଥର ପାଇଁ ୧୯୨୩ ମସିହାରେ କୁଞ୍ଜସାହୁ ଛକ (ବର୍ତ୍ତମାନର ଗଣେଶ ବଜାର)ଠାରେ ଆରମ୍ଭ ହୋଇଥିଲା । ଏହି ପୂଜା ଅବସରରେ ସମ୍ପୂର୍ଣ୍ଣ ସହର ବିଭିନ୍ନ ପ୍ରକାର ଆଲୋକ ମାଳାରେ ସୁସଜ୍ଜିତ ହୋଇଥାଏ । କେବଳ ଢେଙ୍କାନାଳ ନୁହେଁ ଅନ୍ୟ ସହରରେ ମଧ୍ୟ ଲକ୍ଷ୍ମୀପୂଜା ଖୁବ ଧୁମଧାମରେ ପାଳନ ହୋଇଥାଏ ।

## ଝଲସୁଛି ରାଜଧାନୀ

ଦେବୀ ଦୁର୍ଗାଙ୍କ ପରେ ରାଜଧାନୀରେ ଆଗମନ ହୋଇଛି ଧନଦାତ୍ରୀ ମାଆ ଲକ୍ଷ୍ମୀଙ୍କର । ସହରର କିଛି ପ୍ରମୁଖ ସ୍ଥାନରେ କୁମାର ପୂର୍ଣ୍ଣିମା ଅବସରରେ ଆରମ୍ଭ ହୋଇଛି ଗଜ ଲକ୍ଷ୍ମୀଙ୍କର ପୂଜା । ଜୀବନରେ ସୁଖ, ସମୃଦ୍ଧି, ବୁଦ୍ଧି, ସିଦ୍ଧି ଦାତ୍ରୀ ଭାବେ ସର୍ବତ୍ରେ ପୂଜା ପାଇଥାଆନ୍ତି ମାଆ ଲକ୍ଷ୍ମୀ । ମାଆଙ୍କର ଆଗମନରେ ପୂରା ସହର ଉତ୍ସବମୁଖରିତ ହୋଇଉଠେ । ବିଭିନ୍ନ ସ୍ଥାନରେ ଛୋଟ ବଡ ମେଢ ପୂଜା ପାଉଥିବାବେଳେ କିଛି ସ୍ଥାନରେ ମାଆଙ୍କର ଭବ୍ୟ ସୁଉଚ୍ଚ ପ୍ରତିମା ପୂଜା ପାଇଥାଆନ୍ତି । ସେହିଭଳି ଦୁର୍ଗାପୂଜା ଭଳି ଏହି ସମୟରେ ମଧ୍ୟ ମାଆଙ୍କର ବିଭିନ୍ନ ପ୍ରକାର ତୋରଣ ମଧ୍ୟ ଦେଖିବାକୁ ମିଳେ । ସବୁ ବର୍ଷପରି ଚଳିତ ବର୍ଷ ମଧ୍ୟ ମାଆଙ୍କର ବିଭିନ୍ନ ମୂର୍ତ୍ତି ସବୁ ସ୍ଥାନରେ ପୂଜା ପାଉଛନ୍ତି । ତେବେ ସବୁଠାରୁ ଆର୍କଷର୍ଣୀୟ ପାଲଟିଛି ପଟିଆର କ୍ଲବ ଟାଉନ ପଡିଆରେ ପୂଜା ପାଉଥିବା ମାଆଙ୍କର ମୃଣ୍ମୟୀ ପ୍ରତିମା । ଚଳିତ ବର୍ଷ ଏଠାରେ ମାଆଙ୍କର ୮୦ ଫୁଟର ସୁଉଚ୍ଚ ପ୍ରତିମା ପୂଜା ପାଉଛନ୍ତି । ଭୁବନେଶ୍ୱର ଉତ୍ତର ଯୁବ ଗଜଲକ୍ଷ୍ମୀ ପୂଜା ପକ୍ଷରୁ ଏଠାରେ ପୂଜାର ଆୟୋଜନ କରାଯାଇଛି । ତେବେ ମାଆଙ୍କର ଏତେ ଉଚ୍ଚର ମୂର୍ତ୍ତି ବର୍ତ୍ତମାନ ସାରା ଓଡ଼ିଶାରେ ଚର୍ଚ୍ଚାର ବିଷୟ ପାଲଟିଛି । ମଣ୍ଡପକୁ ଆଲୋକ ଓ ଫୁଲରେ ଖୁବ ସୁନ୍ଦରଭାବେ ସଜାଯିବା ସହ ଭକ୍ତଙ୍କ ସମାଗମକୁ ଆଖିରେ ରଖି ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଛି । ସେହିଭଳି ୟୁନିଟ ୯, ବାପୁଜି ନଗର ଓ ୟୁନିଟ ୩ରେ ମଧ୍ୟ ଖୁବ ଧୁମଧାମରେ ପୂଜାର ଆୟୋଜନ କରାଯାଇଛି । ଏଠାରେ ମଧ୍ୟ ମାଆଙ୍କର ମୃଣ୍ମୟୀ ପ୍ରତିମା ପୂଜା ପାଉଛନ୍ତି । ଗଜଲକ୍ଷ୍ମୀ ପୂଜାକୁ ଆଖିରେ ରଖି ପ୍ରଶାସନ ପକ୍ଷରୁ ମଧ୍ୟ ଟ୍ରାଫିକ ବ୍ୟବସ୍ଥା ଠାରୁ ଆରମ୍ଭ କରି ଅନ୍ୟ ସମସ୍ତ ଦିଗପ୍ରତି ଧ୍ୟାନ ରଖାଯାଇଛି, ଯେପରି ଭକ୍ତମାନେ ସୁରୁଖୁରୁରେ ମାଆଙ୍କ ଦର୍ଶନ କରିପାରେବ । ଏହାସହ ବିଭିନ୍ନ ସ୍ଥାନରେ ଛୋଟଛୋଟ ମେଳା ଓ ମୀନାବଜାର ପଡିଛି, ଯେଉଁଠି ଲୋକମାନେ କିଣାବିକା କରୁଥିବାର ଦେଖିବାକୁ ମିଳୁଛି ।







# କେନ୍ଦ୍ରାପଡ଼ାର ଗଣପର୍ବ

ଚଳିତ ବର୍ଷ କେନ୍ଦ୍ରାପଡ଼ାର ପ୍ରସିଦ୍ଧ ଗଜଲକ୍ଷ୍ମୀ ପୂଜା ଶହେ ବର୍ଷର ଏକ ସ୍ମରଣୀୟ ଐତିହାସିକ ଯାତ୍ରାର କୀର୍ତ୍ତି ସ୍ଥାପନ କରିବାକୁ ଯାଉଛି । ସାରା ଓଡିଶାରେ କେନ୍ଦ୍ରାପଡାର ପରିଚିତି ସିଦ୍ଧ ବଳଦେବଜୀଉ ପୀଠ ରୂପେ ଯେପରି ଖ୍ୟାତି ଲାଭ କରିଛି, ସେହିପରି ଢେଙ୍କାନାଳ ସହର ପରେ ଲକ୍ଷ୍ମୀପୂଜାର ଅନ୍ୟତମ ପ୍ରମୁଖ ଉତ୍ସବ କେନ୍ଦ୍ର ରୂପେ କେନ୍ଦ୍ରାପଡାର ସ୍ୱତନ୍ତ୍ର ପରିଚୟ ରହିଛି । ଏକଦା ଗୋଟିଏ ଗଜଲକ୍ଷ୍ମୀଙ୍କ ମୃଣ୍ମୟ ମୂର୍ତ୍ତି ରୂପେ କେନ୍ଦ୍ରାପଡ଼ା ସହରର ପୁରୁଣା ମୋଟର ଷ୍ଟାଣ୍ଡଠାରେ ଆରମ୍ଭ ହୋଇଥିବା ଏହି ଏକକ ପ୍ରୟାସ ଏବେ ଗଣଯାତ୍ରାର ରୂପ ପରିଗ୍ରହ ଲାଭ କରିଛି । ପ୍ରତିବର୍ଷ କୁମାରପୂର୍ଣ୍ଣମୀ ତିଥିରୁ ସାତଦିନ ବ୍ୟାପୀ ଆରମ୍ଭ ହେଉଥିବା ଏହି ଗଜଲକ୍ଷ୍ମୀ ପୂଜା ଏବେ ପରିଣତ ହୋଇଛି କେନ୍ଦ୍ରାପଡ଼ାର ଗଣପର୍ବରେ । କେବଳ କେନ୍ଦ୍ରାପଡ଼ା ସହର ନୁହେଁ,ସହର ସଂଲଗ୍ନ ନିକଟବର୍ତ୍ତୀ ଗ୍ରାମାଞ୍ଚଳଗୁଡିକୁ ମଧ୍ୟ ଏହି ପୂଜା ପରମ୍ପରା ପ୍ରସାରିତ ହୋଇଛି । ସଂପ୍ରତି କେନ୍ଦ୍ରାପଡ଼ା ସହରରେ ଏହି ପୂଜାର ବର୍ଣ୍ଣାଢ୍ୟ ଉପସ୍ଥିତି ସହିତ ଚାନ୍ଦୋଳ ବଜାର, ମାର୍ଶାଘାଇ ବଜାର, ଡେରାବିଶର ଛତା , ଇନ୍ଦୁପୁରର ପଲ୍ଲୀ ରଘୁନାଥପୁର ଓ ପାଟକୁରା ପ୍ରଭୃତି ଅଞ୍ଚଳରେ ତାହାର ଗ୍ରାମୀଣ ପସରା ମେଲାଇ ସାରିଲାଣି । ଏହି ସବୁ ଅଞ୍ଚଳର ମେଢ଼ ସଂଖ୍ୟା ଯଦି ଗଣତି କରାଯାଏ, ତେବେ ଏହା ଏକଶହରୁ ଉର୍ଦ୍ଧ୍ୱ ସଂଖ୍ୟାରେ ପହଞ୍ଚି ସାରିଛି । ସମୁଦ୍ର ମନ୍ଥନର ପୁରାଣ ଆଖ୍ୟାନ ଆଧାରିତ ଦୁଇ ପାର୍ଶ୍ୱ ହସ୍ତୀଙ୍କ କଳସଦ୍ୱାରା ମା'ଲକ୍ଷ୍ମୀଙ୍କ ସୁଶୋଭିତ ମୃଣ୍ମୟ ମୂର୍ତ୍ତି ସହ ବିଭିନ୍ନ ଆଖ୍ୟାନ ଓ ଉପାଖ୍ୟାନ ଆଧାରିତ ଦେବଦେବୀଙ୍କ ମୂର୍ତ୍ତି ମଧ୍ୟ ବିଭିନ୍ନ ପୂଜା କମିଟି ପକ୍ଷରୁ ପୂଜା ମଣ୍ଡପରେ ସ୍ଥାନ ପାଇଥାନ୍ତି । ଓଡ଼ିଆ ଜନମାନସରେ ସୌଭାଗ୍ୟ, ଧନଧାନ୍ୟ ଓ ସୁଫଳ ଶସ୍ୟ କେଦାରର ଦେବୀ ରୂପେ ଆସୀନ ହୋଇଥିବାରୁ ମା'ଲକ୍ଷ୍ମୀଙ୍କ ପ୍ରତି ଭାକ୍ତିକ ସମ୍ମାନ ଖୁବ୍ ଗୁରୁତ୍ୱପୂର୍ଣ୍ଣ ରହିଥାଏ । ଗୁରୁବାର ମାଣବସାଠାରୁ ଆରମ୍ଭ କରି ପିଠାପଣା ପର୍ଯ୍ୟନ୍ତ ପ୍ରଚଳିତ ଥିବା ପ୍ରଥା ପରମ୍ପରାକୁ ଓଡ଼ିଆ ଗୃହିଣୀମାନେ ଖୁବ୍ ନିଷ୍ଠାର ସହିତ ପାଳନ କରିଥାନ୍ତି । ସେହି ଦୃଷ୍ଟିରୁ କୃଷିପ୍ରଧାନ ଏହି ଉପକୂଳ ଅଞ୍ଚଳଟି ପ୍ରତିବର୍ଷ ଗଜଲକ୍ଷ୍ମୀ ପୂଜାରେ ମୁଖର ହୋଇଉଠେ । ସମସ୍ତ ପ୍ରକାର ଆବେଗିକ ଉତ୍ସାହ ଓ ଉଦ୍ଦୀପନାର ସହିତ ଏହି ଅଞ୍ଚଳବାସୀମାନେ ପାର୍ବଣରେ ନିଜକୁ ସାମିଲ କରିଥାନ୍ତି । ଯାହା ଉପଲବ୍ଧ ତଥ୍ୟରୁ ପ୍ରମାଣିତ ହୁଏ ଯେ,ସର୍ବ ପ୍ରଥମେ ୧୯୨୬ ମସିହାରେ ଗଜଲକ୍ଷ୍ମୀଙ୍କର ମୃଣ୍ମୟ ପ୍ରତିମାର ପୂଜା ଏଠାରେ ଆରମ୍ଭ ହୋଇଥିଲା । କେନ୍ଦ୍ରାପଡ଼ା ଜମିଦାରୀର ମୁଖ୍ୟକେନ୍ଦ୍ର ରହିଥିବା ବଡ଼କୋଠାକୁ ୧୯୨୫ ମସିହାରେ ବଡ଼ ବାବାଜୀ ରାଧାରମଣ ଦେବ ଆଗମନ କରିଥିଲେ । ସେହି ସମୟରେ ବନ୍ୟା ତଥା ଦୁର୍ଭିକ୍ଷଜନିତ ଖାଦ୍ୟ ଅନାଟନ ଲାଗି ରହିଥାଏ । ୧୯୨୬ ମସିହାରେ ମଧ୍ୟ ଏହିପରି ଏକ ଖାଦ୍ୟସଙ୍କଟ ଜାରିରହିଥାଏ । ସେଥିପାଇଁ ମା'ଅନ୍ନପୂର୍ଣ୍ଣାଙ୍କ କୃପାଦୃଷ୍ଟି ଲାଭପାଇଁ ବଡ଼ ବାବାଜୀ ରାଧାରମଣଙ୍କ ପରାମର୍ଶରେ ଗଜଲକ୍ଷ୍ମୀଙ୍କର ମୃଣ୍ମୟ ମୂର୍ତ୍ତି ପୂଜନ ଆରମ୍ଭ ହୋଇଥିଲା । ସେହିପରି ଅନ୍ୟ ଏକ ବହୁଜନାଦୃତ ତଥ୍ୟ ମଧ୍ୟ ରହିଛି । ସେହି ପ୍ରସଙ୍ଗ କେନ୍ଦ୍ରାପଡ଼ାର ବସ୍‌ଷ୍ଟାଣ୍ଡସ୍ଥିତ ସର୍ବପୁରାତନ ଗଜଲକ୍ଷ୍ମୀ ପୂଜା କମିଟି ପକ୍ଷରୁ ସୁବର୍ଣ୍ଣ ଜୟନ୍ତୀ ଅବସରରେ ୧୯୯୨ ମସିହାରେ ପ୍ରକାଶିତ ହୋଇଥିବା ସ୍ମରଣିକାରେ ସ୍ଥାନିତ ହୋଇଥିଲା । ଉକ୍ତ ପତ୍ରିକାରେ ସ୍ୱର୍ଗତ ଶଙ୍କର୍ଷଣ ସାହୁଙ୍କ ଦ୍ୱାରା ଏହି ଲକ୍ଷ୍ମୀପୂଜାର ଏକ ସଂକ୍ଷିପ୍ତ ଇତିହାସ ସ୍ଥାନିତ ହୋଇଛି, ଯେଉଁଥିରୁ ମିଳିଥିବା ତଥ୍ୟ ଅନୁଯାୟୀ ୧୯୨୭ ମସିହାରେ କେନ୍ଦ୍ରାପଡ଼ା ସହରର ୧୧ଜଣ ଉତ୍ସାହୀ ଯୁବକ ଶଗଡ଼ ଗାଡ଼ିରେ ଆଳି ସାନମଙ୍ଗକୁ ଲକ୍ଷ୍ମୀପୂଜା ବୁଲିବାକୁ ଯାଇଥିଲେ । ସେହି ସମୟରେ ଆଳି ରାଜାଙ୍କ ଅଧୀନରେ ଆସୁଥିବା ଏହି ସାନମଙ୍ଗ ଏକ ନୌବାଣିଜ୍ୟ କୈନ୍ଦ୍ରିକ ସମୃଦ୍ଧ ଗ୍ରାମସ୍ଥଳୀ ରୂପେ ପରିଚିତ ଥିଲା । ଉକ୍ତ ଗ୍ରାମରେ ଗଜଲକ୍ଷ୍ମୀଙ୍କ ମୃଣ୍ମୟ ମୂର୍ତ୍ତି ପୂଜାର ପରମ୍ପରା ଥିବାରୁ ତାହା କେନ୍ଦ୍ରାପଡ଼ାର ଏହି ଯୁବ ଦର୍ଶନାର୍ଥୀମାନଙ୍କୁ ଆକୃଷ୍ଟ କରିଥିଲା । ଫଳତଃ ସେଠାରୁ ଫେରିବା ପରେ ଉକ୍ତ ଅନୁଭବସିକ୍ତ ପ୍ରେରଣାକୁ ପୁଞ୍ଜି କରି ଏହି ଉତ୍ସାହୀ ଯୁବକମାନେ ପ୍ରଥମେ ୧୯୨୮ ମସିହାରେ ପୁରୁଣା ବସଷ୍ଟାଣ୍ଡଠାରେ ଏକ ଅସ୍ଥାୟୀ ମଣ୍ଡପରେ ଗଜଲକ୍ଷ୍ମୀଙ୍କ ମୃଣ୍ମୟ ପ୍ରତିମା ପୂଜନ ଆରମ୍ଭ କରିଥିଲେ । କ୍ରମେ ଏହା ସହରର ବିଭିନ୍ନ ସାହି ଓ ଗ୍ରାମକୁ ବିସ୍ତାରିତ ହୋଇ ୬୦ ପାଖାପାଖି ପହଞ୍ଚିଲାଣି । ଏଗୁଡିକ ମଧ୍ୟରୁ ସମ୍ପ୍ରତି ୪୯ଟି ମେଢ଼ ଭସାଣି ଉତ୍ସବରେ ସାମିଲ ହେଉଛନ୍ତି । ସମୁଦାୟ ୭ ଦିନର ପୂଜା ଓ ଦୁଇ ଦିନର ଭସାଣି ଉତ୍ସବକୁ ମିଶାଇ ଏହି ନଅଦିନିଆ ପାର୍ବଣ ଉତ୍ସବଟି କେନ୍ଦ୍ରାପଡ଼ାର ସାମାଜିକ-ଧାର୍ମିକ-ସାଂସ୍କୃତିକ ଗଣପର୍ବରେ ପରିଣତ ହୋଇ ସାରିଛି । କିନ୍ତୁ, ଏହି ଶତାବ୍ଦୀର ଯାତ୍ରାରେ ଯେଉଁ ବିରୋଧାଭାସର ଦିଗଟିକୁ ପ୍ରତ୍ୟକ୍ଷ କରିହୁଏ, ତାହା ହେଉଛି, ସ୍ଥାନୀୟ ଲୋକକଳା, ଯାତ୍ରା, କଣ୍ଢେଇ ନାଚ, ପାଲା ଓ ଦାସକାଠିଆ ପରି ପାରମ୍ପରିକ ଓଡ଼ିଆ କଳା ସାଂସ୍କୃତିକ ବିଭବକୁ ଅଣଦେଖା । ଏହିସବୁର ଆଦର ଅଶି ଦଶକ ପୂର୍ବରୁ ବହୁ ଭାବରେ ରହିଥିଲା । ଯାହାଫଳରେ ଏ କ୍ଷେତ୍ରରେ ନୂଆ ପିଢ଼ିର କଳାକାରମାନେ ପ୍ରବେଶ କରିବାକୁ ଆଗ୍ରହ ପ୍ରକାଶ କରିଥିଲେ । ସେହି ପୋତ୍ସାହନର ସ୍ରୋତ ଅଟକି ଯିବା ଫଳରେ ପାରମ୍ପରିକ କଳା ସଂସ୍କୃତି ଏବେ ସଙ୍କଟାପନ୍ନ ଅବସ୍ଥାରେ । ପୁନଶ୍ଚ ଡିଜେ ଓ ଉଗ୍ର ଆଧୁନିକ ରୁଚିର ବିସ୍ତାର ମଧ୍ୟ ଏହି ଧାର୍ମିକ-ସାଂସ୍କୃତିକ ଗଣଉତ୍ସବକୁ ଅନେକାଂଶରେ ପ୍ରଭାବିତ କରିଥିବା ପରି ଅନୁମିତ ହୁଏ । ତେବେ, ଏସବୁ ସତ୍ତ୍ୱେ, କେନ୍ଦ୍ରାପଡାର ବୃହତ୍ତର ସାମାଜିକ-ଧାର୍ମିକ-ସାଂସ୍କୃତିକ ଓ ସର୍ବୋପରି ବ୍ୟବସାୟିକ ଉତ୍ସବ ରୂପେ ଏହି ଗଣପର୍ବ ଗଜଲକ୍ଷ୍ମୀର ଯୋଗଦାନ ଅତୀବ ଉଲ୍ଲେଖନୀୟ ।



**ବିରଜା ରାଉତରାୟ**
ସମୟ ପ୍ରତିନିଧି





# ଢେଙ୍କାନାଳ ଗଜଲକ୍ଷ୍ମୀ

ଢେଙ୍କାନାଳ ଗଜଲକ୍ଷ୍ମୀପୂଜା ଭିନ୍ନତା ମଧ୍ୟରେ ଏକତାର ପରଚୟ, ଯାହା ଜାତି ଧର୍ମ ବର୍ଣ୍ଣ ନିର୍ବିଶେଷରେ ପାଳନ ହୋଇଥାଏ । ସାଂସ୍କୃତିକ ସହରରେ ସର୍ବଧର୍ମର, ସଂସ୍କୃତି, ପରମ୍ପରାର ସମନ୍ୱୟ ଭାବରେ ପାଳତି ହୁଏ ଗଜଲକ୍ଷ୍ମୀ ପୂଜା। ଓଡ଼ିଶାର ସଭ୍ୟତା ସଂସ୍କୃତି, ଆଚାର, ବ୍ୟବହାର, ବାଣିଜ୍ୟ, ବ୍ୟବସାୟ, କଳା ସ୍ଥପତ୍ୟ ମଧ୍ୟରେ ଗଣପବର୍ର ମାନ୍ୟତା ହାସଲ କରିଥିବା ଗଜଲକ୍ଷ୍ମୀ ପୂଜା ଏକ ଅନନ୍ୟ ପର୍ବ ଭାବରେ ପରିଗଣିତ । ଲକ୍ଷ୍ମୀ ପୂଜାର ପାବର୍ଣ ବାମନ ଜନ୍ମ ସୁନିଆଁ ତିଥିରୁ ଆରମ୍ଭ ହୋଇଥାଏ ମାଟିପୂଜା ସହ ପୂଜା ପ୍ରସ୍ତୁତି । ପବିତ୍ର କୁମାର ପୂର୍ଣ୍ଣିମା ଅବସରରେ ଢେଙ୍କାନାଳର ପ୍ରସିଦ୍ଧ ଗଜଲକ୍ଷ୍ମୀ ପୂଜାର ଅୟମାରମ୍ଭ ସହତି ଜଗତ ଜନନୀ ମା' ମହାଲକ୍ଷ୍ମୀଙ୍କର ଆରାଧନା କରାଯାଇଥାଏ। ଇତିହାସ ଅନୁସାରେ ୧୯୨୩ ମସିହାରୁ ଢେଙ୍କାନାଳର ମୀନା ବଜାରର ସ୍ୱର୍ଗତ ଗତିକୃଷ୍ଣ ପଟ୍ଟନାୟକଙ୍କ ଉଦ୍ୟମରେ ଲକ୍ଷ୍ମୀ ପୂଜା ୧୯୩୩ ମସିହା ପର୍ଯ୍ୟନ୍ତ ପାଳତି ହୋଇଥିଲା । ପରବର୍ତ୍ତୀ ପର୍ଯ୍ୟାୟରେ ପ୍ରଜା ଆନ୍ଦୋଳନ ଯୋଗୁଁ ପୂଜା ବନ୍ଦ ହୋଇଯାଇଥିଲା। ୧୯୪୩ ମସିହାରୁ ଏହି ପର୍ବ ଆଉଥରେ ପାଳନ ହେବା ଆରମ୍ଭ ହୋଇଥିଲା । ମୀନାବଜାରରୁ ଆରମ୍ଭ ହୋଇଥିବା ଏହି ପର୍ବ





ଆଜି ଗଣ ଉତ୍ସବର ମାନ୍ୟତା ଲାଭ କରଛି । ୧୯୪୩ରେ ମୀନା ବଜାର , ୧୯୪୮ ରେ ଜବାହର ଚୌକ, ୧୯୪୯ରେ ଲକ୍ଷ୍ମୀବଜାର, ୧୯୫୦ ଗଣେଷ ବଜାର, ୧୯୫୧ କାଞ୍ଚନ ବଜାର, ୧୯୫୨ରେ ଆନନ୍ଦ ବଜାର, ୧୯୫୫ରେ କାରିଗର ସାହି, ୧୯୫୭ରେ ଗୁଡିଆନାଳୀ, ୧୯୫୮ ରେ ରାଧାକୃଷ୍ଣ ବଜାର, ପଦ୍ମବଜାର, କୁଞ୍ଜକାନ୍ତ, ୧୯୫୯ରେ କୈବଲ୍ୟ ବଜାର,୧୯୬୦ରେ ଜୁବୁଲି ଟାଉନ - ୨, ୧୯୬୩ରେ ଅନ୍ନପୂର୍ଣ୍ଣା ପୂଜା ସଂସ୍ଥାନ ଷ୍ଟେସନ ବଜାର, ୧୯୬୫ରେ ରତ୍ନ ବଜାର, ୧୯୬୭ରେ ଚନ୍ଦନ ବଜାର, ୧୯୬୯ରେ ଗାନ୍ଧୀବଜାର ଓ ବସଷ୍ଟାଣ୍ଡ, ୧୯୭୧ରେ କୋରିଆଁ, ୧୯୭୫ରେ ଦୁର୍ଗ ବଜାର, ୧୯୭୬ରେ ଦକ୍ଷଣି କାଳୀରେ ପୂଜା ଆରମ୍ଭ ହୋଇଥିଲା । ଚଳତି ବର୍ଷ କୋରିଆଁ, ଜୁବୁଲି ଟାଉନ ୨, ରତନ ବଜାର, ପଦ୍ମ ବଜାର, କାରିଗର ସାହି, ଚନ୍ଦନବଜାର, ବାଜିଚୌକ, ଆନନ୍ଦ ବଜାର, କାଞ୍ଚନ ବଜାର, ମୀନା ବଜାର, ଜବାହର ଚୌକ, ଲକ୍ଷ୍ମୀବଜାର, ମହାବୀର ବଜାର, ଗଣେଷ ବଜାର, ବସଷ୍ଟାଣ୍ଡ, ଗୁଡିଆ ନାଳୀ, କୁଞ୍ଜକାନ୍ତ, କଲେଜ ପଡା ସହିତ ଅନ୍ୟସ୍ଥାନରେ ପୂଜା, ମଣ୍ଡପରେ ପୂଜା ଅନୁଷ୍ଠିତ ହେଉଛି । ଜାତି ଧର୍ମ, ବର୍ଣ୍ଣ ନିର୍ବିଶେଷରେ ଐତିହ୍ୟ, ସଂସ୍କୃତି ଓ ଭାଇଚାରାକୁ ପାଥେୟ କରି ସହରବାସୀ ଦୀର୍ଘ ୧୨ ଦିନ ଧରି ମା'ଙ୍କ ପାଦପଦ୍ମରେ ଗୋଟିଏ ମନ ଓ ଗୋଟିଏ ପ୍ରାଣରେ ସମର୍ପିତ ହୋଇଯାଆନ୍ତି । ଗୋଟିଏ ମେଢରୁ ଆରମ୍ଭ ହୋଇଥିବା ଏହି ଗଜଲକ୍ଷ୍ମୀ ପୂଜା ବର୍ତ୍ତମାନ ୩୯ଟି ମେଢରେ ପଦାପର୍ଣ କରଛି । ଜନସାଧାରଣଙ୍କ ଦୃଷ୍ଟି ଆକର୍ଷଣ ପାଇଁ ପ୍ରତ୍ୟେକ ପୂଜା ମଣ୍ଡପଗୁଡକ ନିଜ ସାଧନ ମତେ ମା' ମହାଲକ୍ଷ୍ମୀଙ୍କୁ ସୁବର୍ଣ୍ଣ ଓ ରୌପ୍ୟ ଅଳଙ୍କାରରେ ସଜାଇ ଥିବାବେଳେ ପୂଜା ମଣ୍ଡପ ଗୁଡିକୁ ମଧ୍ୟ ଆକର୍ଷଣୀୟ କରାଯାଇଛି। ଅନେକ ବର୍ଷରୁ ଚାଲୁଥିବା ଏହି ଗଜଲକ୍ଷ୍ମୀ ପୂଜା ୭ କି.ମି. ପରିବ୍ୟାପ୍ତ ସହରକୁ ଆଚ୍ଛାଦତି କରି ରଖିଛି। କୁମାର ପୂର୍ଣ୍ଣିମା ଅବସରରେ ଘଟସ୍ଥାପନ କରାଯିବାସହ ବୈଦିକ ରୀତିନୀତି ଅନୁଯାୟୀ ଘଣ୍ଟ, ଶଙ୍ଖ, ଖୋଳ, କୀତର୍ନ ଏବଂ ବ୍ରାହ୍ମଣଙ୍କ ମନ୍ତ୍ର ଧ୍ୱନିରେ ମା' ମହାଲକ୍ଷ୍ମୀଙ୍କ ମୃଣ୍ମୟୀ ପ୍ରତିମାକୁ ଜୀବନ୍ୟାସ ଦିଆଯାଇଛି। ପୂଜାମଣ୍ଡପ ଗୁଡିକରେ ମା'ଙ୍କ ଆଗମନ ଓ ଆରାଧନାକୁ ଦେଖିବାକୁ ପ୍ରବଳ ଭିଡ ଲାଗିରହେ । ପୂଜାମଣ୍ଡପ ଗୁଡିକରେ ଘିଅ ଦୀପ, ଝୁଣା, ଗୁଗୁଳ ଓ କର୍ପୁରରେ ମା'ଙ୍କ ଆରାଧନା କରାଯାଉଥିବାବେଳେ ଢେଙ୍କାନାଳ ସହରଟି









ଏକ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥାଏ । ପ୍ରତ୍ୟେକ ବର୍ଷପରି ଚଳତିବର୍ଷ ପବିତ୍ର କୁମାରପୂର୍ଣ୍ଣିମା ଠାରୁ ଆରମ୍ଭ ହୋଇଛି ଗଜଲକ୍ଷ୍ମୀ ପୂଜା । ପୂର୍ବରୁ ମୀନା ବଜାର ପକ୍ଷରୁ ପ୍ରଥମେ ଚାନ୍ଦିମେଢ଼ ଲାଗି କରାଯାଇଥିବା ବେଳେ ପରେ କୈବଲ୍ୟ ବଜାର ଓ ଗାଲ୍ଟେନ୍ ଷ୍ଟ୍ରିଟ ଗୁଡ଼ଇାନାଲୀ ପୂଜା ପ୍ରତିଷ୍ଠାନ ଓ ଗଣେଶ ବଜାର ପୂଜା ପ୍ରତିଷ୍ଠାନ ପକ୍ଷରୁ ଚାନ୍ଦିମେଢ଼ରେ ମା'ଙ୍କୁ ସଜିତ କରାଯାଇଛି । ପୂଜା ପାଇଁ ସାରା ସହର ଚଳଚଞ୍ଚଳ ହୋଇ ଉଠଥିବାବେଳେ ଚଳତି ବର୍ଷ ୭୫ ଉତ୍ସବ ପାଳନ କରୁଛି । ସହରର ପ୍ରବେଶ ପଥରୁ ପ୍ରସ୍ଥାନ ପଥ ପର୍ଯ୍ୟନ୍ତ ଦୀର୍ଘ ୭ କିମି ବ୍ୟାପି ରାସ୍ତା ପାର୍ଶ୍ୱେର ଚଳତି ବର୍ଷ ୩୯ଟି ପୂଜା ମଣ୍ଡପରେ ମା'ଙ୍କ ପୂଜା ଅନୁଷ୍ଠିତ ହେଉଛି । ଢେଙ୍କାନାଳରେ ଲକ୍ଷ୍ମୀ ପୂଜା ଏକ ସାର୍ବଜନୀନ ପୂଜାର ମାନ୍ୟତା ହାସଲ କରଛି। ଢେଙ୍କାନାଳରେ ଶୈବ,ବୈଷ୍ଣବ, ଶକ୍ତି ମହିମା ଧର୍ମର ସମନ୍ୱୟ ଦେଖିବାକୁ ମଳିଥାଏ । ପ୍ରତିଧମର୍ର ଲୋକମାନେ ଭାଇଚାରା, ସଂପ୍ରତି, ସ୍ନେହ, ସଦାଚାର ମଧ୍ୟରେ ପୂଜା ପ୍ରସ୍ତୁତି ସହତ ପାଳନ କରଥାନ୍ତି । ଏହି ପୂଜା ଅବସରରେ ଢେଙ୍କାନାଳ ଜିଲ୍ଲା ପ୍ରଶାସନ ପକ୍ଷରୁ ଜାତୀୟ ସ୍ତରୀୟ ପଲ୍ଲିଶ୍ରୀ ମେଳା ପ୍ରାୟ ୫୦୦ରୁ ଉର୍ଦ୍ଧ୍ୱ ଷ୍ଟଲରେ ଜିଲ୍ଲା, ରାଜ୍ୟ ଏବଂ ରାଜ୍ୟ ବାହାରୁ ବ୍ୟବସାୟୀମାନେ ଭଆଗ ନେଇଥାଆନ୍ତି । କୋରିଆଁ ବାଇପାସଠାରୁ କଲେଜ ବାଇପାସ ପର୍ଯ୍ୟନ୍ତ ୭ କିମି ରାସ୍ତାରେ ଆଲୋକ ସଜ୍ଜାବେଶ୍ ଆକଷର୍ଣୀୟ ହୋଇଥାଏ । ଚଳତି ବର୍ଷ ପାଗ ପ୍ରତି ସନ୍ଧ୍ୟାରେ ମେଲୋଡି ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି । ପୂଜାକୁ ବିଭିନ୍ନ ଖାଦ୍ୟ ପସରା ଆହୁରି ଆକର୍ଷଣୀୟ କରୁଛି । ମାଆଙ୍କ ପୂଜା ରୀତିନୀତିରେ କରାଯାଉଥିବାବେଳେ ଗୁରୁବାରର ଅବସରରେ ପୂଜା ମଣ୍ଡପ ତରଫରୁ ପ୍ରସ୍ତୁତ ମାଙ୍କର ପ୍ରସିଦ୍ଧ ସଂଖୁଡି ଭୋଗ ଜାତି ଧର୍ମ ବର୍ଣ୍ଣ ନିର୍ବିଶେଷରେ ଏକତ୍ର ପ୍ରସାଦ ସେବନର ପରମ୍ପରା ସମସ୍ତଙ୍କୁ ଏକାକାର କରିଛି । ମାଆଙ୍କ ପାଇଁ ଦହି ପଖାଳ, ବିଭିନ୍ନ ପ୍ରକାର ବ୍ୟଞ୍ଜନ ପ୍ରସ୍ତୁତି ସହତି ସମସ୍ତଙ୍କୁ ପ୍ରସାଦ ବଣ୍ଟା ଯାଇଛି । ମା ଗଜଲକ୍ଷ୍ମୀ ହେଉଛନ୍ତି ଧନ, ସମୃଦ୍ଧ, ସୌଭାଗ୍ୟ ଏବଂ ରାଜକୀୟ ବୈଭବର ଦେବୀ ମହାଲକ୍ଷ୍ମୀଙ୍କର ଏକ ବିଶେଷ ଓ ଶକ୍ତିଶାଳୀ ସ୍ୱରୂପ । ମା'ଙ୍କର ଅଷ୍ଟଲକ୍ଷ୍ମୀଙ୍କର ଆଠଟି ସ୍ୱରୂପ ମଧ୍ୟରୁ ଗଜଲକ୍ଷ୍ମୀ ଅନ୍ୟତମ ଓଡିଶାର ସଂସ୍କୃତି ଓ ପରମ୍ପରାରେ ମା' ଗଜଲକ୍ଷ୍ମୀଙ୍କର ଏକ ସ୍ୱତନ୍ତ୍ର ସ୍ଥାନ ରହିଁଛି । ମା' ଗଜଲକ୍ଷ୍ମୀଙ୍କ 'ଗଜ' ଅର୍ଥାତ୍ ହାତୀ ଏବଂ 'ଲକ୍ଷ୍ମୀ' ଅର୍ଥାତ୍ ଧନର ଦେବୀ ମା' ଗଜଲକ୍ଷ୍ମୀ ଚତୁର୍ଭୁଜା ଏବଂ ସେ ଏକ ସୁନ୍ଦର ଗୋଲାପୀ କିମ୍ବା ନାଲି ପଦ୍ମଫଲୁ ଉପରେ ବିରାଜମାନ କରିଥାଆନ୍ତି । ମା'ଙ୍କର ଦୁଇପାର୍ଶ୍ୱରେ ଦୁଇଟି ଶ୍ୱେତ ହାତୀ ଐରାବତ ନିଜ ଶୁଣ୍ଢରେ ସୁବର୍ଣ୍ଣ କଳସ ଧରି ମା'ଙ୍କ ଉପରେ ପବିତ୍ର ଜଳାଭିଷେକ କରୁଥିବାର ଦେଖାଯାଏ । ଏହି ସ୍ୱରୂପରେ ହାତୀହେଉଛି ରାଜକୀୟ ଶକ୍ତି, ଐଶ୍ୱର୍ଯ୍ୟ, ବୁଦ୍ଧି ଏବଂ ବିଶ୍ୱସ୍ତତାର ପ୍ରତୀକ । ପୁରାଣ ଅନୁସାରେ, ମା' ଗଜଲକ୍ଷ୍ମୀ କେବଳ ସୁନା-ରୂପା ନୁହେଁ ବରଂ କୃଷି, ଗୋ-ଧନ ଏବଂ ବ୍ୟବସାୟରେ ଉନ୍ନତି ପ୍ରଦାନ କରନ୍ତି । ସେ ସମସ୍ତ ପ୍ରକାର ଦାରିଦ୍ର୍ୟ ଦୂର କରନ୍ତି ଶାସ୍ତ୍ର ଅନୁସାରେ ଯେତେବେଳେ ଦେବତା ଓ ଅସୁରମାନଙ୍କ ମଧ୍ୟରେ ସମୁଦ୍ର ମନ୍ଥନ ଚାଲଥିଲା, ସେତେବେଳେ କ୍ଷୀର ସମୁଦ୍ରରୁ ମା ମହାଲକ୍ଷ୍ମୀ ଏହି ଗଜଲକ୍ଷ୍ମୀ ସ୍ୱରପୂରେ ପ୍ରକଟ ହୋଇଥିଲେ । ଓଡ଼ିଶାରେ ଆଶ୍ୱିନ ମାସର ପୂର୍ଣ୍ଣିମା କୁମାର ପୂର୍ଣ୍ଣିମା ଦିନ ମାଆଙ୍କର ପୂଜା ପାଳନ କରାଯାଇଥାଏ । ଅଷ୍ଟଲକ୍ଷ୍ମୀଭାବେ ମାଆଙ୍କର ବିଭିନ୍ନ ସ୍ୱରୂପକୁ ସର୍ବଦା ପୂଜା କରାଯାଇଥାଏ । ଯାହାଫଳରେ ଜୀବନରେ ବିଦ୍ୟା, ଧନ, ସମୃଦ୍ଧି, ଆୟୁଷ, ନିରୋଗ ସହ ବିଜୟ ପ୍ରାପ୍ତ ହୋଇଥାଏ ।

**ସନ୍ତୋଷ କୁମାର ଶତପଥୀ,** ସମୟ ପ୍ରତିନିଧି





ମୃଣାଳ
ନିର୍ମାଲ୍ୟ, VIP-21 ଲିଟିଲ ଓଡ଼ିଶା,
ଛତାବର, ଭୁବନେଶ୍ୱର
ମୋ: ୯୪୩୭୦୨୭୧୯୪

# ଶିଉଳି

ଶରତ ଆସିଲେ ପ୍ରକୃତି ନୂଆ ରୂପରେ ସଜେଇ ହୁଏ। ଏହି ସମୟରେ ଫୁଟେ ଶିଉଳି ଫୁଲ (ବୈଜ୍ଞାନିକ ନାମ: Nyctanthes arbor-tristis)। ଏହାକୁ ଗଙ୍ଗଶିଉଳି ବୋଲି ବି କୁହାଯାଏ। ଧଳା ପାଖୁଡ଼ା ଓ କେଶରୀ ରଙ୍ଗର ନାଲି ଡେମ୍ଫ। ଏକ ସ୍ନିଗ୍ଧ ସୁଗନ୍ଧରେ ମନକୁ ପ୍ରଶାନ୍ତ କରିଦିଏ। ଏହାର ଏକ ବିଶେଷତ୍ୱ ହେଉଛି, ଏହା କେବଳ ରାତିରେ ଫୁଟିଥାଏ ଏବଂ ସୂର୍ଯ୍ୟୋଦୟ ପୂର୍ବରୁ ଗଛରୁ ଝଡ଼ିପଡ଼େ, ସେଥିପାଇଁ ଏହାକୁ 'Night Jasmine' ମଧ୍ୟ କୁହାଯାଏ। ଓଡ଼ିଆ ତଥା ଭାରତୀୟ ସଂସ୍କୃତିରେ ଗଙ୍ଗଶିଉଳିର ଏକ ସ୍ୱତନ୍ତ୍ର ଓ ପବିତ୍ର ସ୍ଥାନ ରହିଛି। ପୁରାଣ ଅନୁସାରେ, ଏହା ଏକ ଦେବବୃକ୍ଷ ଯାହାକୁ ସ୍ୱର୍ଗରୁ ମର୍ତ୍ତ୍ୟଲୋକକୁ ଅଣାଯାଇଥିଲା। ସାଧାରଣତଃ ଭୂମିରେ ଝଡ଼ି ପଡ଼ିଥିବା ଫୁଲକୁ ପୂଜା କାର୍ଯ୍ୟରେ ବ୍ୟବହାର କରାଯାଏ ନାହିଁ, କିନ୍ତୁ ଗଙ୍ଗଶିଉଳି ଏକ ବ୍ୟତିକ୍ରମ; ଏହାକୁ ତଳୁ ଗୋଟେଇ ଠାକୁରଙ୍କୁ ଅର୍ପଣ କରାଯାଏ। ଶାରଦୀୟ ଦୁର୍ଗାପୂଜା ସହିତ ଏହି ଫୁଲର ସମ୍ପର୍କ ଅତି ନିବିଡ଼। ଶିଉଳିର ବାସ୍ନା ମା' ଦୁର୍ଗାଙ୍କ ଆଗମନର ସନ୍ଦେଶ ନେଇ ଆସେ । ଆଶ୍ୱିନ ମାସର ହାଲ୍କା ଶୀତୁଆ ସକାଳେ ଶିଉଳି ଫୁଲର ଚାଦର ପରିବେଶକୁ ଉତ୍ସବମୁଖର କରିଦିଏ।

# ଦଶହରା ବଖସିସ

ଦଶହରାର ମାସେ ପୂର୍ବରୁ ଆଉ ମାସେ ପର ଯାଏ - 'ଦଶହରା ବଖସିସ' ଦାଉରେ ଆପଣ ହନ୍ତସନ୍ତ ହୋଇଯିବେ। ଘରକୁ ଖବରକାଗଜ ଦେଉଥିବା ହକରଠୁ କ୍ଷୀରବାଲା, ପରିବାବାଲା ଏପରିକି ଆମାଜନ, ସ୍ୱିଗିର ଡେଲିଭରି ଦେବାକୁ ଆସୁଥିବା ଲୋକମାନେ ବି କହୁଛନ୍ତି: ଆମ ବଖସିସ ? ଯୁଆଡ଼େ ଯେଉଁଠି ଯାଆନ୍ତୁ, ସେଠି ଦଶହରା ବଖସିସ ପ୍ରତ୍ୟାଶୀମାନେ ଆପଣଙ୍କୁ ଝୁଣିବା ପାଇଁ ରେଡି ହୋଇ ଥିବେ। ଆପଣ ଦାଢ଼ି କାଟିବାକୁ ଯାଆନ୍ତୁ କି ସ୍ତ୍ରୀର ଶାଢ଼ୀ ଇସ୍ତ୍ରୀ କରେଇବାକୁ ଯାଆନ୍ତୁ, ଦୋକାନରେ ସଉଦା କିଣିବାକୁ ଯାଆନ୍ତୁ କି ରାସ୍ତା କଡ଼ ହୋଟେଲରେ ବରା ଖାଇବାକୁ ଯାଆନ୍ତୁ,




ବଖସିସ ପ୍ରତ୍ୟାଶୀ ସେଠି ଥିବେ। ଏବେ ଦୁର୍ଗା ପୂଜାରେ ମୁଁ ଗୋଟେ ଗାଁକୁ ଯାଇଥିଲି। ସେଠି ଆରତୀ ହେଉଥିଲା। ଠିଆହେଲି। ଆରତୀ ବେଳେ ଢୋଲିଆ ଢୋଲ ବଜାଉଥିଲା, କିଛି ତରୁଣ ଘଣ୍ଟ ବଜାଉଥିଲେ। ଆରତୀ ସରିଲା ପରେ ମୁଣ୍ଡିଆ ମାରି ଚାଲି ଆସୁଛି, ଜଣେ ଢୋଲିଆ କହିଲା, ସାର ମୋ ବଖସିସ ? ଏବେ କିଛି ଭୁସାମାଲ ଆଉ ଜଳଖିଆ ଦୋକାନରେ ଦେଖୁଚି- କାଉଣ୍ଟରରେ ଗୋଟେ ବାକ୍ସ ରଖାହୋଇଛି; ସେଥିରେ ଲେଖି ଦେଉଛନ୍ତି- ଦଶହରା ବଖସିସ। ଆଜି ଗୋଟେ ଛୋଟ ମଲରେ ଦେଖିଲି କାଉଣ୍ଟର ଉପରେ ବାକ୍ସ ଅଛି। ହେଲେ ତା ଉପରେ 'ବଖସିସ' ଶବ୍ଦଟା ଲେଖାହୋଇନି। ଲେଖା ହୋଇଛି 'ଦଶହରା ବକ୍ସ'। ବୁଝିଲା ଲୋକେ ବୁଝିଯିବେ।

## ପଦ୍ମଚରଣ ନାୟକ

କିଛିଦିନ ତଳେ ଶତାୟୁ (ଏଇ ବର୍ଷ ଜାନୁଆରୀରେ ତାଙ୍କୁ ଶହେ ପୂରିଛି) ଗାନ୍ଧିବାଦୀ, ପୂର୍ବତନ ବିଧାୟକ ଓ ବର୍ତ୍ତମାନ ନିଶାମୁକ୍ତି ଆନ୍ଦୋଳନର ନେତା ପଦ୍ମଚରଣ ନାୟକଙ୍କ ସହିତ ଏକ ସଭାରେ ପ୍ରଥମ ଥର ଦେଖା ଓ କଥା ହେଲା। ସେ ସଭାରେ ତାଙ୍କୁ ସମ୍ବର୍ଦ୍ଧିତ କରିବା ପାଇଁ ତାଙ୍କ ବେକରେ ଫୁଲମାଳଟିଏ ପିନ୍ଧାଯାଉଥିଲା। ସେ ମନା କଲେ। କହିଲେ, ମୁଁ ଫୁଲ ଭଲ ପାଏ, ସେଥିପାଇଁ ଫୁଲ ଛିଡ଼ାଏ ନାହିଁ। ଫୁଲ ମାଳ ମୁଁ ପିନ୍ଧିବି ନାହିଁ। ମଲା ପରେ ମୋ ଶବ ଦେହରେ ବି ଫୁଲମାଳ ନ ଦେବା ପାଇଁ ମୁଁ କହିଦେଇଛି। ଏଇ କଥା ପଦକରେ ତାଙ୍କ ପ୍ରତି ମୋର ସମ୍ମାନ ବହୁଗୁଣ ବଢିଗଲା। ବର୍ତ୍ତମାନ ସମୟରେ ଯେତେବେଳେ ନିଜ ଅଣ୍ଟିରୁ ଧନ ଖର୍ଚ୍ଚ କରି ନିଜ ବେକରେ ଫୁଲମାଳ ଲମ୍ବାଉଥିବା ନେତା ମାଳମାଳ, ଯେତେବେଳେ ଲୋକେ ପର ବାଡ଼ିରୁ ଫୁଲ ଚୋରି କରିବାକୁ ବି ଲଜ୍ଜା ବୋଧ କରୁନାହାନ୍ତି- ସେ ସମୟରେ ପଦ୍ମଚରଣ ବାବୁଙ୍କ କଥା ମନରେ ଆଶା ସଂଚାର କରେ - ଫୁଲକୁ ସତରେ ଭଲ ପାଉଥିବା କିଛି ଲୋକ ତ ଅଛନ୍ତି ସଂସାରରେ !

# ମୂର୍ତ୍ତି ଏବଂ ପୂଜା ସାମଗ୍ରୀ ରିସାଇକେଲ୍

ଅନେକ ସମୟରେ ଲୋକେ ଘରେ ପୂଜା କରୁଥିବା ମୂର୍ତ୍ତି ପୁରୁଣା ହୋଇଗଲେ ବା ଖଣ୍ଡିଆ ଖାବରା ହୋଇଗଲେ କି ନଷ୍ଟ ହୋଇଗଲେ, ସେ ମୂର୍ତ୍ତିଗୁଡ଼ିକୁ ତାର ସାଜସଜ୍ଜା ସମେତ ଗଛ ମୂଳେ, ରାସ୍ତା କଡ଼ରେ କିମ୍ବା କୌଣସି ପୋଖରୀ ବା ନଈ କିମ୍ବା ନାଳରେ ପକେଇ ଦିଅନ୍ତି। ଯାହାଦ୍ୱାରା ସାମଗ୍ରିକ ଭାବେ ଧାର୍ମିକ ଭାବନା ଆହତ ହୁଏ ଆଉ ପରିବେଶ ବି ପ୍ରଦୂଷିତ ହୁଏ। ଦିଲ୍ଲୀ ସରକାର ସମ୍ପ୍ରତି ଏ ସମସ୍ୟାର ସମାଧାନ ପାଇଁ ଗୋଟେ ବ୍ୟବସ୍ଥା କରିଛନ୍ତି। ପୁରୁଣା, ଭଙ୍ଗା ବା ଖଣ୍ଡିତ ମୂର୍ତ୍ତି ଏବଂ ପୂଜା ସାମଗ୍ରୀର ସମ୍ମାନଜନକ ବିସର୍ଜନ ତଥା ରିସାଇକ୍ଲିଂଗ (Re-cycling) ପାଇଁ ଦିଲ୍ଲୀ ସହରରେ ୧୧୦ ରୁ ଅଧିକ ସ୍ୱତନ୍ତ୍ର ସଂଗ୍ରହ କେନ୍ଦ୍ର ସ୍ଥାପନ କରିଛନ୍ତି। ଏହି ହଳଦିଆ ରଙ୍ଗର ବୁଥ୍ ଗୁଡ଼ିକରେ ଜଣେ ତା' ଘରର ପୁରୁଣା ଭଙ୍ଗା ମୂର୍ତ୍ତି ଏବଂ ମୂର୍ତ୍ତିର ସାଜସଜ୍ଜାକୁ ରଖି ଦେଇ ପାରିବ। ସଂଗ୍ରହ କରାଯାଇଥିବା ମୂର୍ତ୍ତି ଏବଂ ପୂଜା ସାମଗ୍ରୀକୁ ପ୍ଲାଷ୍ଟଇଣ୍ଡିଆ ଫାଉଣ୍ଡେସନ (Plastindia Foundation) ସହାୟତାରେ ପରିବେଶ ଅନୁକୂଳ ଉପାୟରେ ରିସାଇକେଲ୍ କରାଯାଉଛି। ଓଡ଼ିଶାରେ ଭୁବନେଶ୍ୱର, କଟକ, ସମ୍ବଲପୁର, ବ୍ରହ୍ମପୁର, ବାଲେଶ୍ୱର ଭଳି ବଡ଼ ସହରର ବିଭିନ୍ନ ଅଂଚଳରେ ଏହିପରି ବୁଥ୍ ସ୍ଥାପନ କରି ପୁରୁଣା ଭଙ୍ଗା ମୂର୍ତ୍ତି ଏବଂ ମୂର୍ତ୍ତିର ସାଜସଜ୍ଜାକୁ ସଂଗ୍ରହ କରି ପରିବେଶ ଅନୁକୂଳ ଉପାୟରେ ରିସାଇକେଲ୍ କରାଯାଇ ପାରିବ। ସମ୍ପୃକ୍ତ ସହର ପ୍ରଶାସନ ଏ ଦିଗରେ ଦୃଷ୍ଟି ଦିଅନ୍ତୁ।




# ଚାଳଘରର ନାୟକ

ଓଡ଼ିଶାର ନାଟ୍ୟପ୍ରେମୀମାନଙ୍କ ପାଇଁ 'ଶତାବ୍ଦୀର କଳାକାର' ଏବଂ ଧୀର ମଲ୍ଲିକ ଅତ୍ୟନ୍ତ ପ୍ରିୟ ଓ ପରିଚିତ ନାମ। ଆଜକୁ ଅର୍ଦ୍ଧ ଶତାବ୍ଦୀ ତଳେ ଗଠିତ ଏହି ସୌଖିନ ନାଟ୍ୟ ଅନୁଷ୍ଠାନ ରାଜ୍ୟ ଓ ଦେଶର କୋଣ ଅନୁକୋଣରେ ଏପର୍ଯ୍ୟନ୍ତ ଏକ ହଜାର ପାଖାପାଖି ନାଟକ ମଞ୍ଚସ୍ଥ କରିଛି। ଏହି ଅନୁଷ୍ଠାନର ପ୍ରତିଷ୍ଠା ଓ କ୍ରମବିକାଶର ପୁରୋଧା ହେଲେ ଡ଼କ୍ଟର ଧୀର ମଲ୍ଲିକ ଆଉ ତାଙ୍କ ସହଧର୍ମିଣୀ ମନିଦିପା ମଲ୍ଲିକ। ସମ୍ପ୍ରତି ମୋ'ର ବନ୍ଧୁ ଗୋପାଳ କୃଷ୍ଣ ମହାପାତ୍ର 'ଶତାବ୍ଦୀର କଳାକାର'ର କ୍ରମବିକାଶର କାହାଣୀ ଚୁମ୍ବକରେ ତାଙ୍କ ସାମାଜିକ ଗଣମାଧ୍ୟମ ମଞ୍ଚରେ ଲେଖିଛନ୍ତି। ପଢନ୍ତୁ। ହର୍ମ୍ୟ ସୁଶୋଭୀତ ମହାନଗରୀ ଭିତରେ ଦୁଇଟି ଲମ୍ବା ବଖୁରିଆ ଗୋଟେ ଚାଳ ଘର ଆଗରେ ସାମାନ୍ୟ ବାରଣ୍ଡା. ଘରଟିର ଆଗିଲି ପିଛିଲି ଅଗଣା। ଅଗଣା ସ୍ୱପ୍ନ ଦେଖାଏ , ଜହ୍ନ ତାରା କି ଅନ୍ଧାର ରାତି ବି ଏଠାରେ ସ୍ୱପ୍ନର ଝଙ୍କାର ତୋଳନ୍ତି.... ସୁଦୀର୍ଘ ଅର୍ଦ୍ଧ ଶତାବ୍ଦୀ ଧରି ଏହି ଚାଳଘର ସୃଷ୍ଟି କରିଛି ଅଗଣିତ ନାୟକ ନାୟିକା, କଳାର ସାଧକ - ସେ ରୂପେଲି ପରଦା ହେଉ ଅଥବା ସୌଖିନ ରଙ୍ଗମଞ୍ଚ। କଳାର ରାଜ୍ୟ ଓଡ଼ିଶାର ନାଟ୍ୟ ପରମ୍ପରା କ୍ରମଶଃ ସହରୀ ସଂଘାତରେ ଦୀପ୍ତିହୀନ ନିଷ୍ପ୍ରଭ ହୋଇ ଯାଉଥିବା ବେଳେ ଏହି ଅନୁଷ୍ଠାନ ମଞ୍ଚନାଟକ କଳାକୁ ଦେଇଛି ଜୀବନ୍ୟାସ। କେତେ କବି, ଲେଖକ, ଗାଳ୍ପିକ ଔପନ୍ୟାସିକ,ସାହିତ୍ୟିକ, କଳାକାରଙ୍କ ଜୀବନକୁ ରୁଦ୍ଧିମନ୍ତ ନକରିଛି ସତେ! ସ୍ୱପ୍ନରେ ଚିର ମସଗୁଲ ଥିବା ସେଇ ଚାଳଘର ହେଉଛି 'ଶତାବ୍ଦୀର କଳାକାର' ମୁଖ୍ୟ କାର୍ଯ୍ୟାଳୟ ଯାହା କେବଳ ରାଜ୍ୟର ନୁହେଁ ଦେଶ ବିଦେଶର କଳାକାରଙ୍କୁ ଆକର୍ଷିତ କରିଛି। ମଞ୍ଚ ନାଟକର ପ୍ରଚାର ପ୍ରସାର ଦିଗରେ ମଲ୍ଲିକ ପରିବାରର ଆତ୍ମିକ ଓ ଆଙ୍ଗିକ ସମର୍ପଣ ବୋଧହୁଏ ଭାରତବର୍ଷରେ ବିରଳ।



# ଚାଲେଞ୍ଜିଂ କ୍ୟାରେକ୍ଟର



ଅଭିନେତ୍ରୀ କୀର୍ତ୍ତି ସୁରେଶ ଏବଂ ରାଧିକା ଆପଟେଙ୍କ ମୁଖ୍ୟ ଭୂମିକାରେ ଅଭିନୀତ ଆଗାମୀ ନେଟଫ୍ଲିକ୍ସ ୱେବ୍ ସିରିଜ୍ 'ଆକ୍କା' ଆସନ୍ତା ଅକ୍ଟୋବର ୩୦ରେ ରିଲିଜ ହେବ । ତେବେ ନିକଟରେ ଏହାର ଟ୍ରେଲର୍ ରିଲିଜ୍ ହୋଇଛି, ଯାହା ଖୁବ ଭାଇରାଲ ହେବାରେ ଲାଗିଛି । ୧୯୮୦ ଦଶକର କିଛି କାହାଣୀକୁ ଏଥିରେ ସ୍ଥାନ ଦିଆଯାଇଛି । ଧର୍ମରାଜ ସେଟ୍ଟୀଙ୍କ ନିର୍ଦ୍ଦେଶନା ଏବଂ ୱାଇ.ଆର୍.ଏଫ୍. ଏଣ୍ଟରଟେନମେଣ୍ଟର ବ୍ୟାନରରେ ନିର୍ମିତ ଏହି ସିରିଜ୍‌ରେ କୀର୍ତ୍ତି ସୁରେଶ 'ଭବାନୀ' ନାମକ ଜଣେ ପ୍ରଭାବଶାଳୀ ନେତ୍ରୀ ଭୂମିକାରେ ଅଭିନୟ କରିଥିବାବେଳେ, ରାଧିକା ଆପଟେଙ୍କୁ ଏକ ଚାଲେଞ୍ଜିଂ ଭୂମିକାରେ ଦେଖିବାକୁ ମିଳିଛି । ଏଥିସହିତ ତନ୍ବୀ ଆଜମୀ, ଅଂଶୁମାନ ପୁଷ୍କରଙ୍କ ଭଳି ପ୍ରତିଭାବାନ କଳାକାରମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଅଛନ୍ତି । ରାଧିକାଙ୍କର ଏହି ହଟକେ ଚରିତ୍ର ଦର୍ଶକଙ୍କୁ ଖୁବ ପସନ୍ଦ ଆସୁଥିବା ଦେଖିବାକୁ ମିଳୁଛି। ଟ୍ରେଲରକୁ ମିଳିଥିବା ରେସପନ୍ସରୁ ସିରିଜଟି ହିଟ୍ ହେବ ବୋଲି ମେକର୍ସ ଆଶା ରଖିଛନ୍ତି। ରାଧିକା ମଧ୍ୟ ଏଭଳି ଚରିତ୍ରରେ ଅଭିନୟ କରି ଖୁବ ଖୁସି ଅଛନ୍ତି । ଏହା ତାଙ୍କର କ୍ୟାରିୟର ପାଇଁ ଏକ ଟର୍ଣ୍ଣିଂ ପଏଣ୍ଟ ହେବବୋଲି ବିଭିନ୍ନ ସାକ୍ଷାତକାରରେ ରାଧିକା ପ୍ରକାଶ କରିଛନ୍ତି । ଆଗକୁ ଏହିଭଳି ଅନେକ ହିଟ ସିରିଜ ସହିତ ଫିଲ୍ମ ସେ ଦର୍ଶକଙ୍କୁ ଭେଟି ଦେବେ ବୋଲି ମତ ରଖିଛନ୍ତି । ରାଧିକାଙ୍କର ଫ୍ୟାନମାନେ ମଧ୍ୟ ଏହି ସିରିଜକୁ ନେଇ ବେଶ ଉତ୍ସାହିତ ଅଛନ୍ତି । ଏହି ସିରିଜର ଟ୍ରେଲର ଏବେ ସୋସିଆଲ ମିଡିଆରେ ଖୁବ୍ ଭାଇରାଲ ହେବାରେ ଲାଗିଛି।



# ଯଶଙ୍କ ଅନୁରୋଧ

ରଣବୀର କପୁରଙ୍କ ଫିଲ୍ମ ରାମାୟଣକୁ ନେଇ ଅନେକ ବିବାଦ ସାମନାକୁ ଆସୁଛି । କିଛି ସିନକୁ ନେଇ ସୋସିଆଲ ମିଡିଆରେ ରଣବୀରଙ୍କ ସମେତ ପୁରା ଟିମ ଟ୍ରୋଲ ହେଉଛନ୍ତି । ତେବେ ଏହାରି ଭିତରେ ଅଭିନେତା ଯଶ ଦର୍ଶକଙ୍କୁ ଛୋଟମୋଟ ଭୁଲକୁ ଅଣଦେଖା କରିବାକୁ ଅନୁରୋଧ କରିଛନ୍ତି । ଭିଏଫଏକ୍ସ ହୋଇଥିବା ଛୋଟମୋଟ ଭୁଲକୁ ଭୁଲି ଫିଲ୍ମକୁ ଭଲପାଇବା ଦେବାକୁ ସେ ଦର୍ଶକଙ୍କୁ ଅନୁରୋଧ କରିଛନ୍ତି । ସମସ୍ତେ ଫିଲ୍ମଟିକୁ ସଫଳ କରିବାକୁ ବହୁତ ପରିଶ୍ରମ କରିଛନ୍ତି, ତେଣୁ ପୁରା ଟିମର ଭଲପାଇବାକୁ ଇଗନୋର ନକରିବାକୁ ସେ ଦର୍ଶକଙ୍କୁ ଅନୁରୋଧ କରିଛନ୍ତି । ଫିଲ୍ମରେ ରାମ ଭୂମିକାରେ ରଣବୀର ଅଭିନୟ କରିଥିବାବେଳେ ରାବଣ ଭୂମିକାରେ ଯଶ ନଜର ଆସିବେ ।



# କାନ୍ଦିଲେ ସାରା

ବଲିଉଡ୍ ଅଭିନେତ୍ରୀ ସାରା ଅଲ୍ଲୀ ଖାନ୍ ନିଜର ଆଗାମୀ ପ୍ରୋଜେକ୍ଟ ପାଇଁ ଅଭିନେତା ଆୟୁଷ୍ମାନ୍ ଖୁରାନାଙ୍କ ସହ ନିକଟରେ ଅମୃତସରସ୍ଥିତ ପବିତ୍ର ଗୋଲ୍ଡେନ୍ ଟେମ୍ପୁଲରେ ପହଞ୍ଚିଥିଲେ । ତେବେ ଏହି ସମୟରେ ସେ ଅତ୍ୟନ୍ତ ଭାବବିହ୍ୱଳ ହୋଇପଡ଼ି କାନ୍ଦୁଥିବାର ଦେଖିବାକୁ ମିଳିଥିଲା । ମନ୍ଦିର ପରିସରରେ ନିଜ ମା' ଅମୃତା ସିଂହଙ୍କୁ ମନେପକାଇ ଭାବପ୍ରବଣ ହୋଇଥିବା ସାରା ଭିଡିଓ କଲ୍ ଜରିଆରେ ମା'ଙ୍କୁ ଦର୍ଶନ କରାଇବାକୁ ଇଚ୍ଛା ପ୍ରକାଶ କରିଥିଲେ । ହେଲେ ଶ୍ରୀ ଗୁରୁ ଗ୍ରନ୍ଥ ସାହିବ ଜୀଙ୍କ ପ୍ରକାଶ ସ୍ଥଳରେ ମୋବାଇଲ୍ ବ୍ୟବହାର ଓ ଭିଡିଓଗ୍ରାଫି ନିଷେଧ ଥିବାରୁ ତାହା ସମ୍ଭବ ହୋଇପାରିନଥିଲା । ଦର୍ଶନ ସାରି ବାହାରକୁ ଆସିବା ପରେ ମା'ଙ୍କୁ ବହୁତ ମନେପକାଉଥିବା ଏବଂ ମନ୍ଦିର ପରିସରରେ ଆଧ୍ୟାତ୍ମିକ ଶାନ୍ତି ଅନୁଭବ କରିଥିବା ନେଇ ଏହି ଅଭିନେତ୍ରୀ ପ୍ରକାଶ କରିଛନ୍ତି। ଯାହାର ଏକ ଭିଡିଓ ବର୍ତ୍ତମାନ ସୋସିଆଲ୍ ମିଡିଆରେ ଭାଇରାଲ୍ ହେବାରେ ଲାଗିଛି ।

# ସାବାସ ପ୍ରିୟଙ୍କା



ପ୍ରିୟଙ୍କା ଚୋପ୍ରା ଅନେକ ସମୟରେ ନିଜ ଝିଅ ଓ ସ୍ୱାମୀ ନିକ୍ ଜୋନସଙ୍କୁ ଭାରତୀୟ ପରମ୍ପରାରେ ସାମିଲ କରୁଥିବାର ଦେଖିବାକୁ ମିଳିଥାଏ । ସେହିଭଳି ଏକ ଭିଡିଓ ବର୍ତ୍ତମାନ ସୋସିଆଲ ମିଡିଆରେ ଖୁବ ଭାଇରାଲ ହେଉଛି । ଏହି ଭିଡିଓରେ ପିସି, ନିକ ଓ ମାଲତୀଙ୍କ ସହିତ ପୂଜା କରୁଥିବାର ଦେଖିବାକୁ ମିଳିଛି । ନିକ ମଧ୍ୟ ଭାରତୀୟ ପାରମ୍ପରିକ ପୂଜାରେ ମଜିଯାଇଥିବା ଓ ଭରପୂର ଉପଭୋଗ କରୁଛନ୍ତି। ଭିଡିଓଟିକୁ ତାଙ୍କ ଫ୍ୟାନମାନେ ଖୁବ ପସନ୍ଦ କରିବା ସହିତ ପ୍ରିୟଙ୍କାଙ୍କୁ ଖୁବ ପ୍ରଶଂସା କରୁଛନ୍ତି । ନିଜ ସ୍ୱଦେଶୀ ପାରମ୍ପରିକ ଉତ୍ସବର ଆନନ୍ଦ ଉଠାଉଥିବା ପିସି ବିଦେଶରେ ବିବାହ କରିଥିଲେ ମଧ୍ୟ ନିଜ ସଂସ୍କୃତିକୁ ଭୁଲି ନାହାନ୍ତି ପ୍ରିୟଙ୍କା ଯାହା ସମସ୍ତଙ୍କୁ ଖୁବ ପସନ୍ଦ ଆସୁଛି।



# ଶହେଥର କରିଥିଲେ ଅନୁରୋଧ

ଲୋକପ୍ରିୟ ଷ୍ଟାର ବିଜୟ ଦେବରକୋଣ୍ଡା ଏବଂ ରଶ୍ମିକା ମନ୍ଦାନା ଚାଟ୍ ଶୋ' 'କଫି ୱିଥ୍ କରନ୍' ନଜର ଆସିବାକୁ ଯାଉଛନ୍ତି । ଏଥିରେ ସେମାନେ ନିଜ ଜୀବନ ଓ ଲଭ ଲାଇଫର କିଛି ସିକ୍ରେଟ ରିଭିଲ କରିଛନ୍ତି, ଯାହା ବର୍ତ୍ତମାନ ଚର୍ଚ୍ଚାର ବିଷୟ ପାଲଟିଛି । ବିବାହ ପୂର୍ବରୁ ରଶ୍ମିକା ପାଖପାଖି ୧୦୦ ଥର ବିଜୟଙ୍କୁ ବିବାହ ପାଇଁ କହିଛନ୍ତି । ହେଲେ ବିଜୟ କିଛି ନା କିଛି କାରଣ ଦେଖାଇ ଏହାକୁ ଏଡାଇ ଯାଇଛନ୍ତି ବୋଲି ରଶ୍ମିକା ପ୍ରକାଶ କରିଛନ୍ତି । ଏକବର୍ଷ ଧରି କହିବା ପରେ ଯାଇ ବିଜୟ ବିବାହ ପାଇଁ ରାଜି ହୋଇଥିଲେ ବୋଲି ରଶ୍ମିକା ଏହି ସାକ୍ଷାତକାରରେ ପ୍ରକାଶ କରିଛନ୍ତି । ଉଭୟଙ୍କର ଏଭଳି କଥା ବର୍ତ୍ତମାନ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି ।

## ଉଡ଼ଇ ମାଙ୍କ ଧ୍ୱଜା

ଖେଳ ସରିଗଲା ଶରତ ଋତୁର
ହେମନ୍ତ କରିଲା ରାଜ
ମଣ୍ଡପରେ ମା ଗଜଲକ୍ଷ୍ମୀ ଦେବୀ
ମନଲୋଭା ସଜବାଜ ।।
ଆକାଶୁ ଖସଇ ଶିଶିର ବୁନ୍ଦାଏ
ସତେକି ମୋତିର ମାଳ
ବିତରିବେ ମା ମରତବାସୀଙ୍କୁ
ଆଶିଷ,ଅମୃତ-ନୀର ।।
ମୁହଁସଞ୍ଜ ବେଳେ ଗଙ୍ଗଶିଉଳିଏ
ଉଙ୍କିମାରେ ଗଛେ ଫୁଟି
ଅତାର ବାସନା ଚହଟାଇ ଦିଏ
ଆଖପାଖ ଚଉକତି ।।
ଆଲୋକର ମାଳେ ତୋରଣ ତ ଝଲେ
ବାଜଇ ମହୁରୀ ବାଜା
ମଣ୍ତପର ଶୋଭା କେତେ ମନଲୋଭା
ଉଡ଼ଇ ମାଙ୍କ ଧ୍ୱଜା ।।
ବିଜେ କରନ୍ତି ମା ମରତ ଧାମରେ
ଆଶିଷର ଘଡି ଧରି
ଦର୍ଶନ ଦିଅନ୍ତି ଭକତ ଜନଙ୍କୁ
ଆଶିଷର ବର୍ଷାକରି ।।
ଆସ ଆସ ଆମେ ପୂଜିବା ମାଙ୍କୁ
ସରବେ ଭକତି ମନେ
ଦୂର କରିବାକୁ ରାଗ ରୋଗ ହିଂସା
ଗୁହାରିବା ମନଧ୍ୟାନେ ।।

**ନଗେନ୍ଦ୍ର ନାଥ ପଟ୍ଟନାୟକ**
ଓସ୍କାର ସିଟି, ଲକ୍ଷ୍ମୀ ସାଗର କେନାଲ
ରୋଡ, ଭୁବନେଶ୍ୱର
ମୋ: ୯୪୩୮ ୩୩୨୧୩୮



## କୁମାର ପୂର୍ଣ୍ଣିମା

ସବୁ ପୂର୍ଣ୍ଣିମାଠୁଁ ନିଆରା ସେ ଅଟେ
କେହି ନୁହେଁ ତାହା ପରି
ଆଶ୍ୱିନ ମାସର କୁମାର ପୂର୍ଣ୍ଣିମା
ସାଥେ କିଏ କୁହ ସରି ।।
ରୂପା ଥାଳି ପରି ଚିକି ମିକି ଜହ୍ନ
ପୂରୁବ ଆକାଶେ ଉଇଁ
ଛୁଇଁ ଛୁଇଁ ଯାଏ କଅଁଳ କିରଣେ
ସୁନ୍ଦର ମୋ ଗାଆଁ ଭୂଇଁ ।।
କୁମାରୀ କିଶୋରୀ ଜହ୍ନକୁ ପୂଜନ୍ତି
ଜହ୍ନି ଓଷା ଶେଷ ପାଳି
ଶଙ୍ଖ ହୁଳହୁଳି ଶବଦ ଭିତରେ
କମ୍ପି ଉଠେ ସାହି ଗଳି ।।
ପୁନେଇଁର ଚାନ୍ଦ ଦିଶେ ଭାରି ତୋରା
ଆହା କେଡ଼େ ମନୋହର
ପୂଜାପୂଜି ସାରି କୁମାରୀ ମନାସେ
ଚାନ୍ଦଠୁଁ ସୁନ୍ଦର ବର ।।
ଶରତର ଶୋଭା ବଡ଼ ମନଲୋଭା
ହସୁଥାଏ ଜହ୍ନରାତି
କୁଆଁର ପୁନେଇଁ ଗୀତଟି ଖୁସିରେ
ଗାଇଥା'ନ୍ତି ସାଙ୍ଗସାଥୀ ।।

**ଭୁବନାନନ୍ଦ ପାଣଗ୍ରାହୀ**
ଗେଡ଼ିଆପଲ୍ଲୀ, ଖୋର୍ଦ୍ଧା
ମୋ: ୯ ୯୩୭ ୭୨୪୩୧୨

## ମା' ଗଜଲକ୍ଷ୍ମୀ



ଆଜି ପରା ମିତ ଅଶିଣ ପୁନେଇଁ
ମଣ୍ଡପ ହୋଇଛି ସଜା
ମାତା ଗଜଲକ୍ଷ୍ମୀ ସ୍ୱର୍ଗରୁ ଆସିବେ
ମରତେ ପାଇବେ ପୂଜା ।।
ଗଜ ବାହନରେ ବିରାଜିବେ ମାତ
ହସ୍ତେ ଧରିଥିବେ ପଦ୍ମ
ମଣ୍ଡପରେ ବସି ଆଶିଷ ଢାଳିବେ
ଲୁଟିବେ ଭକତ ପ୍ରାଣ ।।
ସମୁଦ୍ର ମନ୍ଥନ ସମୟରେ ମାତ
ଅମୃତର ପାତ୍ର ଧରି
ପୃଥିବୀ ପୃଷ୍ଠକୁ ଆସିଥିଲେ ହସି
ସୁଖ ସମୃଦ୍ଧି ଆବୋରି ।।
ତାଂକ କୃପା ବଳେ ମିଳଇ ଐଶ୍ୱର୍ଯ୍ୟ
ଧର୍ମକୁ ମିଳଇ ମାନ
ଦରିଦ୍ରର ଗୃହେ ଧନ ଶୋଭାପାଏ
ଖୁସିରେ ବିତଇ ଦିନ ।।
ମାତାଂକ ପବିତ୍ର ପୂଜା ଅବସରେ
ଏତିକି ଗୁହାରି ମୋର
ଅନ୍ୟାୟ ଅଧର୍ମ ଦୂର ହୋଇଯାଉ
ହସୁ ଏ ଧର୍ମ ସଂସାର ।।
ସ୍ନେହ ଶ୍ରଦ୍ଧାଭାବ ସଭିଂକ ପରାଣେ
ଶାନ୍ତିର ବାରତା ଦେଉ
ସତ୍ୟ ନ୍ୟାୟ ଧର୍ମ ଏ ପୂଣ୍ୟ ଜଗତେ
ସଦା ପୂଜା ପାଉଥାଉ ।।
ଅହିଂସା ମନ୍ତ୍ରକୁ ଆଦରି ସଭିଏଁ
ଖୁସିରେ କାଟନ୍ତୁ କାଳ
ଧନୀ ଦରିଦ୍ରର ପ୍ରଭେଦ ନରହୁ
ହସି ଉଠୁ ସର୍ବ ପ୍ରାଣ ।।

**ରାମଚନ୍ଦ୍ର ବେହେରା**
ତେନ୍ତୁଳିପଦା, ଜଗତସିଂହପୁର
ମୋ: ୭୩୫୫୬୩୪୩୪୬

## ଯାହାକୁ ସୁନ୍ଦର ଯିଏ

ବଣକୁ ସୁନ୍ଦର ପାହାଡ଼ ପର୍ବତ
ଗାଆଁକୁ ସୁନ୍ଦର କ୍ଷେତ
ନଈକୁ ସୁନ୍ଦର ଅଙ୍କାବଙ୍କା ପଥ
ନାଆକୁ ସୁନ୍ଦର କାତ ।।
ମାଟିକୁ ସୁନ୍ଦର ସବୁଜ ବନାନୀ
ଋଷିକୁ ସୁନ୍ଦର ଜଟ
ପକ୍ଷୀକୁ ସୁନ୍ଦର ସୁନୀଳ ଗଗନ
ଯାତ୍ରୀକୁ ସୁନ୍ଦର ବାଟ ।।
ସିନ୍ଧୁକୁ ସୁନ୍ଦର ନୀଳ ଉର୍ମିମାଳା
ଚାଷୀକୁ ସୁନ୍ଦର ଚାଷ
ଗାଲକୁ ସୁନ୍ଦର ଟିକି କଳାଜାଇ
ମୁଣ୍ଡକୁ ସୁନ୍ଦର କେଶ ।।
ପୁରୀକୁ ସୁନ୍ଦର କାଳିଆ ଠାକୁର
ଧରାକୁ ସୁନ୍ଦର ଖରା
ନଭକୁ ସୁନ୍ଦର ଭସା ମେଘମାଳା
କାଖକୁ ସୁନ୍ଦର ଗରା ।
ବିଶ୍ୱନିୟନ୍ତାଙ୍କ ଏ ସୁନ୍ଦର ସୃଷ୍ଟି
ମନକୁ ଭୁଲାଇ ଦିଏ
କାହା ସୁନ୍ଦରତା କାହା ପାଖେ ନାହିଁ
ଯାହାକୁ ସୁନ୍ଦର ଯିଏ ।

**ରାମ ଚନ୍ଦ୍ର ପ୍ରଧାନ**
ଆସିକା,ଗଞ୍ଜାମ
ମୋ: ୯୮ ୬୧୬୩୮ ୭୩୬



## ବଢ଼ିଆ ଶାକାହାର

ଆମିଷ ଛାଡ଼ି ନିରାମିଷରେ
ସୁସ୍ଥ ନୀରୋଗ ହେବା
ବିଦେଶୀ ଠାଣିମାଣି ଖାଇବା
କାହିଁ ପାଟିରେ ଦେବା ।।
ପନିପରିବା ଶାଗ ଗୋରସ
ନାନାଦି ଫଳମୂଳ
ଡାଲି ଶସ୍ୟରେ ଦେଶୀ ଖାଇବା
ଦେହକୁ ଦିଏ ବଳ ।।
ଗାଜର ମୂଳା ଟମାଟୋ ଖୀରା
ସାଲାଡ୍ ପୁଷ୍ଟି ପାଇଁ
ଦହି ଲହୁଣି ଛେନା ଘିଅରେ
ଶକତି ଦେଇଥାଇ ।।
ତେଲ ମସଲା ରଙ୍ଗ ଭେଜାଲ
ବାସି ବରଜେ ଯିଏ
ଭଲ ମନରେ ରୋଗ ପାଖରୁ
ଦୂରରେ ରହେ ସିଏ ।।
ଜୀବେ ଦୟାକୁ ମନେ ବିଚାରି
ମାଛ ମାଉଁସ ଛାଡ
ହିଂସାବାଦରୁ ମୁକୁଳି ଭଲେ
ଜୀବନଟିକୁ ଗଢ଼ ।।
ଦେହ ମନକୁ ଯୋଗ ବ୍ୟାୟାମ
ବଢ଼ିଆ ଶାକାହାର
ଶୁଭ ବୁଦ୍ଧିରେ ଶୁଭ କାମରେ
ରଖଇ ନିରନ୍ତର ।।
ସ୍ୱଚ୍ଛ ନିର୍ମଳ ପ୍ରକୃତି ଆମ
ଗଢ଼େ ଏ ଦେହ ମନ
ବୁଝିଲେ ତାକୁ ହାତେ ତୋଳିବ
ଅଚଳାଚଳ ଧନ ।।

**ମହେନ୍ଦ୍ର କୁମାର ଘଡ଼େଇ**
କଟରପଡ଼ା, ପିଠାପଡ଼ା,
ନିଶ୍ଚିନ୍ତକୋଇଲି, କଟକ,
ମୋ: ୯୪୩୭୭୪୦୫୬୬

ଆମ ସହ ଯୋଡ଼ିହେବାକୁ ଚାହୁଁଥିଲେ ନିଜ ସୁଚିନ୍ତିତ ମତାମତ ଓ ଶିଶୁ ସମ୍ବଳିତ କବିତା କିମ୍ବା ଗଳ୍ପ ଏହି ଇ-ମେଲ୍ ଆଇଡି 2022taranga@gmail.comରେ ପଠାଇବାକୁ ଅନୁରୋଧ ।
-'ସମୟ ତରଙ୍ଗ' ପରିବାର

# ଜୁଏଲାରୀ ମ୍ୟାଚିଂ

କୁମାର ପୂର୍ଣ୍ଣିମାରେ ଓଡ଼ିଶାର ପୁରପଲ୍ଲୀରେ ସମସ୍ତେ ନୂଆ ପୋଷାକ ପିନ୍ଧିବାର ପରମ୍ପରା ରହିଛି । ତେବେ ଅନେକ ସମୟରେ କେଉଁ ପୋଷାକ ସହିତ କେଉଁ ଜୁଏଲାରୀ ମ୍ୟାଚ କରିବେ ତାହାକୁ ନେଇ ଦ୍ୱନ୍ଦ୍ୱ ଉପୁଜିଥାଏ । ଆସନ୍ତୁ ଜାଣିବା କିଭଳି କେଉଁ ଡ୍ରେସ ସହିତ କେଉଁ ଜୁଏଲାରୀ ମ୍ୟାଚ କରିବେ ।



## ବନାରସି ଶାଢି

ଯଦି ଆପଣ ବନାରସି ଶାଢି ପିନ୍ଧୁଛନ୍ତି ତେବେ ଏହାସହିତ ସାଉଥ ଇଣ୍ଡିଆନ ଟେମ୍ପୁଲ ଜୁଏଲାରୀ, ଆଣ୍ଟିକ ଗୋଲ୍ଡ କିମ୍ବା କୌଣସି ଭାରୀ ଜୁଏଲାରୀ ମ୍ୟାଚ କରି ପିନ୍ଧନ୍ତୁ । ଏହା ଆପଣଙ୍କୁ ଏକ ଏଲିଗାଣ୍ଟ ଲୁକ ପ୍ରଦାନ କରିବ । ଏହା ଦେଖିବାକୁ ଖୁବ ସୁନ୍ଦର ହୋଇଥାଏ ।

## ସିଫନ ଶାଢି

ସିଫନ ଶାଢି ସହିତ ଷ୍ଟେଟମେଣ୍ଟ ଇଅର ରିଂ ଖୁବ ଭଲ ମାନିବ । ମୋତି କିମ୍ବା ହିରାର ଇଅର ରିଂ ଏହାସହ ମ୍ୟାଚ କରନ୍ତୁ ଆପଣଙ୍କୁ ଏକ ସୁନ୍ଦର ଲୁକ ମିଳିବ । ସେହିଭଳି ବେକରେ କେବଳ ସିଙ୍ଗଲ ପେଣ୍ଡାଣ୍ଟ ଥିବା ସେଟ ପିନ୍ଧନ୍ତୁ ଖୁବ ଏଲିଗାଣ୍ଟ ଲୁକ ମିଳିବ ।

## ଟିସୁ ଶାଢି

ଟିସୁ କିମ୍ବା ଅର୍ଗେଞ୍ଜା ଶାଢି ସହିତ ମୋତି, ହିରା କିମ୍ବା ଲାଇଟ କଣ୍ଟେପରାରୀ ଗୋଲ୍ଡ କିମ୍ବା ଲାଇଟ ୱେଟ ଜୁଏରାଲୀ କ୍ୟାରୀ କରନ୍ତୁ । ଏହା ଏକ ଖୁବ କ୍ଲାସି ଲୁକ କ୍ରିଏଟ କରିବାରେ ସହାୟକ ହୋଇଥାଏ । ଯଦି ହେଭି ଇଅର ରିଂ ପିନ୍ଧୁଛନ୍ତି ତେବେ ବେକ ଖାଲି ରଖିପାରିବେ ।

## କୁର୍ତ୍ତୀ

ଯଦି ପ୍ଲେନ କି ନର୍ମାଲ କୁର୍ତ୍ତୀ ପିନ୍ଧୁଛନ୍ତି ତେବେ ଏହାସହିତ ଷ୍ଟଡସ, ହୁପ ଇଅର ରିଂ କିମ୍ବା ଅକ୍ସିଡାଇଜ୍ଡ ସିଲଭର କିମ୍ବା ଗୋଲ୍ଡ ଚେନ ପିନ୍ଧନ୍ତୁ । ଖୁବ ଭଲ ଲୁକ ମିଳିବ । ଏହା ଆପଣଙ୍କୁ ଏକ ସିମ୍ପଲ ଗର୍ଜିଅସ ଲୁକ ଦେବାରେ ଖୁବ ସହାୟକ ହେବ ।












**ଅନେକ ସମୟରେ ଏଭଳି କିଛି ବ୍ୟକ୍ତି ଥାଆନ୍ତି ଯିଏ ସବୁବେଳେ କିଛି ନୂଆ କରିବାକୁ ଚେଷ୍ଟା ଚଳାଇ ଥାଆନ୍ତି । ସେହିଭଳି ଜଣେ ବ୍ୟକ୍ତିହେଲେ ୟୁପିର ବିମଲ କିଶୋର, ଯିଏ ସ୍କୁଟରର ପାର୍ଟସ୍‌ରୁ ତିଆରି କରିଛନ୍ତି ଏକ ସୁନ୍ଦର କାର ।**

# ସ୍କୁଟର ପାର୍ଟସ୍‌ରୁ କାର୍

ଉତ୍ତର ପ୍ରଦେଶର ପ୍ରୟାଗରାଜରେ ରହୁଥିବା ବିମଲ କିଶୋର ଦିନବେଳେ ଏକ ଛୋଟ କଫି ଷ୍ଟଲ୍ ଚଲାଇ ଗୁଜରାଣ ମେଣ୍ଟାଉଥିବା ବେଳେ, ରାତିରେ ସେହି ରୋଜଗାରର ଟଙ୍କାକୁ ଦୈନନ୍ଦିନ ସମସ୍ୟାର ସମାଧାନ ପାଇଁ ଯନ୍ତ୍ରପାତି ତିଆରି କରିଥାଆନ୍ତି । ନିକଟରେ ସେ ଏକ କାରର ଉଦ୍ଭାବନ କରିଛନ୍ତି, ଯାହାକୁ ସେ ସ୍କୁଟରର ପାର୍ଟସ୍ ବ୍ୟବହାର କରି ମାତ୍ର ୯୦,୦୦୦ ଟଙ୍କାରେ ନିର୍ମାଣ କରିଛନ୍ତି । ସୋଲାର ଏନର୍ଜି, ଜିପିଏସ୍ ଏବଂ ରିୟର-ଭ୍ୟୁ କ୍ୟାମେରା ଯୁକ୍ତ ଏହି ଗାଡ଼ିଟି ସେ ନିଜେ ଯାତାୟାତ କରିବା ପାଇଁ ପ୍ରସ୍ତୁତ କରିଛନ୍ତି । ପ୍ରୟାଗରାଜରେ କଫି ଷ୍ଟଲ୍ ଚଲାଇ ବିମଲ ନିଜର ଗବେଷଣା ଓ ପରୀକ୍ଷା-ନିରୀକ୍ଷା ପାଇଁ ଅର୍ଥ ଯୋଗାଡ଼ କରିବା ସହ ଦୈନନ୍ଦିନ ଜୀବନର ଚାଲେଞ୍ଜ ଗୁଡ଼ିକୁ ନୂଆ ନୂଆ ଆବିଷ୍କାରରେ ପରିଣତ କରୁଛନ୍ତି । ଶାରୀରିକ ଅକ୍ଷମତା ଯୋଗୁଁ ଗୋଡ଼ରେ ସମସ୍ୟା ଥିବା ବିମଲଙ୍କ ପାଇଁ ଏହି କାର୍ ତିଆରି କରିବା କେବଳ ଗୋଟିଏ ଯନ୍ତ୍ର ବନାଇବା ନଥିଲା; ବରଂ ସାଧାରଣ ଗାଡ଼ି ଚଲାଇବାରେ ଥିବା ପ୍ରତିବନ୍ଧକକୁ ଏଡ଼ାଇ ନିଜେ ଗାଡ଼ି ଚଲାଇବାର ଏକ ନୂଆ ବାଟ ଖୋଜିବା ଥିଲା ।

## ଆରମ୍ଭ ଥିଲା ଖୁବ କଠିନ

ବିମଲଙ୍କର କଷ୍ଟ ପିଲାଦିନୁ ଆରମ୍ଭ ହୋଇଯାଇଥିଲା । ଯେତେବେଳେ ତାଙ୍କୁ ମାତ୍ର ଆଠ ମାସ ହୋଇଥିଲା, ଭୀଷଣ ଜ୍ୱର ଯୋଗୁଁ ତାଙ୍କ ଗୋଡ଼ ଆକ୍ରାନ୍ତ ହୋଇଥିଲା । ବଡ଼ ହେବା ପରେ ସେ ଅନ୍ୟ ପିଲାମାନଙ୍କୁ ଚାଲିବା, ଦୌଡ଼ିବା ଓ ଖେଳିବା ଦେଖୁଥିଲେ, ଯାହା ସେ ନିଜେ କରିପାରୁ ନଥିଲେ । ଶେଷରେ ସେ ବିଭିନ୍ନ ଜିନିଷ କିପରି କାମ କରେ, ତାହା ବୁଝିବାକୁ ଚେଷ୍ଟା କଲେ । ବିଭିନ୍ନ ଜିନିଷକୁ ଭାଙ୍ଗି ଅଲଗା କରିବା ଏବଂ ପୁଣି ଯୋଡ଼ିବା ତାଙ୍କ କୌତୂହଳକୁ ବଢ଼ାଇବା ସହ କାମ କରିବାର ସହଜ ବାଟ ଖୋଜିବାରେ ସାହାଯ୍ୟ କରିଥିଲା । ୨୦୧୧ ମସିହାରେ, ବିମଲ ନିଜେ ଯାତାୟାତ କରିପାରିବେ ଭାବି ଗୋଟିଏ କାର୍ କିଣିଥିଲେ । ହେଲେ ତାଙ୍କ ଶାରୀରିକ ଅସମର୍ଥତା ଯୋଗୁଁ ସେହି ଗାଡ଼ି ଚଲାଇବା ତାଙ୍କ ପାଇଁ ଅସମ୍ଭବ ହୋଇପଡ଼ିଲା । ନିଜେ ଯାତାୟାତ କରିବାର ନିଷ୍ପତ୍ତିରୁ ଓହରି ନଯାଇ, ସେ ନିଜ ପାଇଁ ନିଜେ ଗୋଟିଏ ଗାଡ଼ି ତିଆରି କରିବାକୁ ସ୍ଥିର କରିଥିଲେ ।

## ବିନା ପ୍ରଶିକ୍ଷଣରେ କାର୍ ନିର୍ମାଣ

ବିମଲ ପ୍ରଥମେ କାଗଜରେ ନିଜ ଗାଡ଼ିର ଡିଜାଇନ୍ ଆଙ୍କିଥିଲେ ଏବଂ ପୁରୁଣା ପାର୍ଟସ୍ ଯୋଗାଡ଼ କରିଥିଲେ । କୌଣସି ଲାବ କିମ୍ବା ଇଞ୍ଜିନିୟରଙ୍କ ଟିମ୍ ବିନା, ସେ ଉପଲବ୍ଧ ସମ୍ବଳ ବ୍ୟବହାର କରି ନିଜର ଆଇଡିଆଗୁଡ଼ିକୁ ବାସ୍ତବ ରୂପ ଦେଇଥିଲେ । ଏହାର ପରିଣାମ ସ୍ୱରୂପ 'ଲୈଲୋ'ର ନିର୍ମାଣ ହେଲା, ଯାହାକୁ ସ୍କୁଟରର ପାର୍ଟସ୍ ବ୍ୟବହାର କରି ମାତ୍ର ୯୦,୦୦୦ ଟଙ୍କାରେ ପ୍ରସ୍ତୁତ କରାଯାଇଛି । ଏଥିରେ ଥିବା ସୋଲାର ସିଷ୍ଟମ୍, ଜିପିଏସ୍ ଏବଂ ରିୟର-ଭ୍ୟୁ କ୍ୟାମେରା ଏହି ଡିଜାଇନ୍‌କୁ ଆହୁରି ବ୍ୟବହାରଯୋଗ୍ୟ କରିପାରିଛି । ସୌରଶକ୍ତି, ଜିପିଏସ୍ ଏବଂ ରିୟର-ଭ୍ୟୁ କ୍ୟାମେରା ଯୁକ୍ତ 'ଲୈଲୋ' ହେଉଛି ବିମଲ ନିଜେ ସମ୍ମୁଖୀନ ହୋଇଥିବା ସମସ୍ୟାର ଏକ ଉତ୍ତମ ସମାଧାନ । ତାଙ୍କର କଫି ଷ୍ଟଲ୍ ଆଜି ବି ତାଙ୍କର ଏହି ଗବେଷଣା ପାଇଁ ଆର୍ଥିକ ସହାୟତା ଯୋଗାଉଛି । ପ୍ରତିଦିନ ସକାଳେ ସେ ଗୁଜରାଣ ମେଣ୍ଟାଇବା ପାଇଁ ଦୋକାନ ଖୋଲନ୍ତି ଏବଂ ସେଥିରୁ ବଞ୍ଚୁଥିବା ଟଙ୍କାକୁ ନୂଆ ନୂଆ ଉଦ୍ଭାବନର ସଂସାଧନ ଓ ନିର୍ମାଣରେ ଲଗାନ୍ତି । ଏହା ବ୍ୟତିତ ସେ ଫିଙ୍ଗାଯାଇଥିବା ସାମଗ୍ରୀରୁ ଗୋଟିଏ ପାୱାର ବ୍ୟାଙ୍କ ଏବଂ ପୁରୁଣା ଡ୍ରମ୍‌ରୁ ଗୋଟିଏ କୁଲର୍ ମଧ୍ୟ ତିଆରି କରିଛନ୍ତି । ତାଙ୍କର ଅନ୍ୟାନ୍ୟ ଉଦ୍ଭାବନ ମଧ୍ୟରେ ମାତ୍ର ୨.୫ ସେଣ୍ଟିମିଟର ଆକାରର ଏକ କାର୍ଯ୍ୟକ୍ଷମ ଚରଖା ଅନ୍ୟତମ, ଯାହା ବିଶ୍ୱ ରେକର୍ଡ ଭାବେ ସ୍ୱୀକୃତି ପାଇଛି । ତାଙ୍କର ଏହି ଉଦ୍ଭାବନଗୁଡ଼ିକ ପାଇଁ ସେ ବହୁ ପ୍ରଶଂସା ପାଇଛନ୍ତି, ଯେଉଁଥିରେ ପୂର୍ବତନ ରାଷ୍ଟ୍ରପତି ସ୍ୱର୍ଗତଃ ଡ. ଏ.ପି.ଜେ. ଅବ୍ଦୁଲ କାଲାମଙ୍କଠାରୁ ମିଳିଥିବା ପୁରସ୍କାର ମଧ୍ୟ ସାମିଲ ଅଛି । ବିମଲଙ୍କ ଏହି ଉଦ୍ଭାବନୀ ମନୋଭାବ ତାଙ୍କୁ ଅନେକ ସମ୍ମାନ ଆଣିଦେଇଛି ।





# ଦୟାଳୁ ଗାଈ



ଆଇମା କାହାଣୀପେଡିରେ ଏଭଳି ଗଳ୍ପ ଭରି ହୋଇ ରହିଥାଏ, ଯାହା ଆମକୁ ଜୀବନର ମୂଲ୍ୟ ଶିଖାଇଥାଏ। ଛୋଟପିଲାମାନେ ଏହି ସବୁ ଗପ ପଢିପଢି ଛୋଟ ବେଳୁ ବଢିଥାଆନ୍ତି, ଯାହା ତାଙ୍କୁ ଜୀବନରେ ଆଗକୁ ବଢିବାରେ ଖୁବ ସହାୟକ ହୋଇଥାଏ । ସେହିଭଳି ଏକ ଗପ ହେଲା ଦୟାଳୁ ଗାଈ ।

ଜୀ ଗୋଟିଏ ସୁନ୍ଦର ଏବଂ ଶାନ୍ତ ଗାଁ । ସେହି ଗାଁ କୂଳରେ ରହୁଥିଲେ ଜଣେ ଗରିବ ଚାଷୀ ଏବଂ ତାଙ୍କ ପରିବାର। ଗରିବ ହେଲେ ବି ତାଙ୍କ ମନ ବହୁତ ସରଳ ଥିଲା । ତାଙ୍କ ଘରେ ଗୋଟିଏ ଗାଈ ଥିଲା, ଯାହାର ନାଁ ଗୌରୀ । ଗୌରୀ କେବଳ ଗୋଟିଏ ଗାଈ ନଥିଲା, ବରଂ ଥିଲା ଅତ୍ୟନ୍ତ ଦୟାଳୁ, ଶାନ୍ତ ଏବଂ ସ୍ନେହୀ । ଗୌରୀ ପ୍ରତିଦିନ ସକାଳୁ ତା'ର ମାଲିକଙ୍କୁ ପ୍ରଚୁର କ୍ଷୀର ଦେଉଥିଲା। ସେହି କ୍ଷୀର ବିକ୍ରି କରି ମାଲିକ ନିଜ ପରିବାରର ଗୁଜୁରାଣ ମେଣ୍ଟାଉଥିଲେ। କିନ୍ତୁ ଗୌରୀର ଦୟା କେବଳ ନିଜ ମାଲିକଙ୍କ ପରିବାର ମଧ୍ୟରେ ସୀମିତ ନଥିଲା । ଗାଁର କୌଣସି ଗରିବ ପିଲା ଯଦି ଭୋକରେ କାନ୍ଦୁଥିଲା, ଗୌରୀ ନିଜେ ତା' ପାଖକୁ ଯାଇ ସ୍ନେହରେ ଠିଆ ହୋଇଯାଉଥିଲା, ଯେପରି ସେମାନେ କ୍ଷୀର ପିଇ ନିଜ ଭୋକ ମେଣ୍ଟାଇପାରିବେ । ଜଙ୍ଗଲର ଅନ୍ୟ ଛୋଟ ଛୋଟ ପଶୁପକ୍ଷୀଙ୍କ ପ୍ରତି ମଧ୍ୟ ତା'ର ଗଭୀର ଭଲପାଇବା ଥିଲା । ଦିନେ ଗାଁ ଉପରେ ଏକ ବଡ଼ ବିପଦ ମାଡ଼ିଆସିଲା । ବର୍ଷା ନହେବା ହେତୁ ସାରା ଗାଁରେ ଭୀଷଣ ମରୁଡ଼ି ପଡ଼ିଲା। ପୋଖରୀ, ନଈସବୁ ଶୁଖିଗଲା, ଚାରିଆଡ଼େ ଘାସ ଓ ପାଣିର ଅଭାବ ଦେଖାଦେଲା। ଗାଁର ଲୋକ ଓ ପଶୁପକ୍ଷୀ ଭୋକ-ଶୋଷରେ ଆତୁର ହୋଇପଡ଼ିଲେ । ଏପରି କଠିନ ସମୟରେ ବି ଗୌରୀ ଧୈର୍ଯ୍ୟ ହରାଇନଥିଲା । ସେ ନିଜେ ନଖାଇ, କଷ୍ଟ ସହି ମଧ୍ୟ ଗାଁର କୋମଳମତି ଶିଶୁମାନଙ୍କ ପାଇଁ କ୍ଷୀର ଦେବା ବନ୍ଦ କରିନଥିଲା । ତା'ର ଏହି ନିଃସ୍ୱାର୍ଥପର ଦୟା ଓ ସେବାଭାବ ଦେଖି ଗ୍ରାମବାସୀଙ୍କ ଆଖିରେ ଲୁହ ଆସିଗଲା । ଗୌରୀର ଏହି ପବିତ୍ର ଓ ଦୟାଳୁ ହୃଦୟ ଦେଖି ସ୍ୱର୍ଗରୁ ଭଗବାନ ମଧ୍ୟ ପ୍ରସନ୍ନ ହେଲେ । ଆକାଶରେ କଳା ହୋଇ ମେଘ ଘୋଟିଆସିଲା ଏବଂ ଅପ୍ରତ୍ୟାଶିତ ଭାବେ ପ୍ରବଳ ବର୍ଷା ହେବାକୁ ଲାଗିଲା । ଗାଁର ମରୁଡ଼ି ଦୂର ହେଲା, ଶୁଖିଯାଇଥିବା କ୍ଷେତପଥର ପୁଣି ସବୁଜିମାରେ ଭରିଗଲା ।ସେହିଦିନଠାରୁ ଗାଁର ସମସ୍ତ ଲୋକ ଗୌରୀକୁ କେବଳ ଗୋଟିଏ ପଶୁ ନୁହେଁ, ବରଂ ଗାଁର ଲକ୍ଷ୍ମୀ ଓ ମା' ସଦୃଶ ପୂଜା କଲେ। ତେଣୁ ଦୟା ଓ ପରୋପକାର ସବୁଠାରୁ ବଡ଼ ଧର୍ମବୋଲି ଏହି ଗଳ୍ପ ଆମକୁ ଶିକ୍ଷା ଦେଇଥାଏ। ଆମେ ଯଦି ନିଃସ୍ୱାର୍ଥପର ଭାବେ ଅନ୍ୟର ସାହାଯ୍ୟ କରିବା, ତେବେ ଈଶ୍ୱର ନିଶ୍ଚୟ ଆମର ମଙ୍ଗଳ କରିବେ ।








# ଚାରି ଅଙ୍ଗ ହରାଇ ବି ହାରିନାହାନ୍ତି ମନୋବଳ

ଓଡ଼ିଶାର ବଲାଙ୍ଗୀର ଜିଲ୍ଲାର ପାୟଲ ନାଗ ଜଣେ ଦୃଢ଼ମନା ଖେଳାଳି। ଶୈଶବରେ ବିଦ୍ୟୁତ୍ ଆଘାତରେ ଚାରିଟି ଅଙ୍ଗ ହରାଇଥିବା ପାୟଲ ଆଜି ଧନୁର୍ବିଦ୍ୟାରେ ନିଜର ପ୍ରତିଭା ପ୍ରମାଣ କରି ରାଜ୍ୟ ତଥା ଦେଶକୁ ଗୌରବାନ୍ୱିତ କରିଛନ୍ତି। ଜୀବନର ଏକ ଭୟଙ୍କର ଦୁର୍ଘଟଣା ତାଙ୍କ ପାଇଁ ଅନେକ କିଛି ବଦଳାଇ ଦେଇଥିଲା। ଛୋଟ ବୟସରେ ଏପରି ଦୁର୍ଘଟଣାର ସାମ୍ନା କରିବା ଯେକୌଣସି ଶିଶୁ ଓ ପରିବାର ପାଇଁ ଅତ୍ୟନ୍ତ କଷ୍ଟକର। ଦୈନନ୍ଦିନ ଜୀବନର ସାଧାରଣ କାମଠାରୁ ଆରମ୍ଭ କରି ଭବିଷ୍ୟତର ସ୍ୱପ୍ନ ପର୍ଯ୍ୟନ୍ତ ସବୁକିଛି ନୂଆ ଭାବେ ଶିଖିବାର ଆବଶ୍ୟକତା ପଡ଼ିଥିଲା। ହେଲେ ପାୟଲଙ୍କ କାହାଣୀ କେବଳ ଦୁର୍ଘଟଣା କିମ୍ବା ଶାରୀରିକ ସୀମାବଦ୍ଧତାର କାହାଣୀ ହୋଇ ରହିନାହିଁ। ଏହା ନିଜକୁ ପୁଣି ଗଢ଼ିବା, ନୂଆ କୌଶଳ ଶିଖିବା ଏବଂ ନିଜ ସାମର୍ଥ୍ୟକୁ ନୂଆ ଦିଗ ଦେବାର କାହାଣୀ।

## ମୁହଁରେ ଧରି ଧନୁ ଚାଳନା

ପାୟଲଙ୍କ ଜୀବନରେ ଧନୁର୍ବିଦ୍ୟା ଏକ ନୂଆ ଅଧ୍ୟାୟ ଖୋଲିଥିଲା। ଏହି ଖେଳ ପାଇଁ ଆବଶ୍ୟକ ହୁଏ ଏକାଗ୍ରତା, ଶାରୀରିକ ସନ୍ତୁଳନ, ଲକ୍ଷ୍ୟ ଉପରେ ନଜର ଏବଂ ଚାପ ମଧ୍ୟରେ ନିଷ୍ପତ୍ତି ନେବାର ଦକ୍ଷତା। ସେ ନିଜ ପାଟିର ସହାୟତାରେ ଧନୁର୍ବିଦ୍ୟା ଅଭ୍ୟାସ କରିବାର ବିଶେଷ ପଦ୍ଧତି ଶିଖିଛନ୍ତି। ତାଙ୍କ ପାଇଁ ଉପଯୁକ୍ତ ଉପକରଣ ଓ ସ୍ୱତନ୍ତ୍ର ବ୍ୟବସ୍ଥା ସହାୟତାରେ ସେ କମ୍ପାଉଣ୍ଡ ପାରା ଧନୁର୍ବିଦ୍ୟାରେ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ଏହି ପ୍ରକ୍ରିୟା କେବଳ ଶାରୀରିକ କୌଶଳର ପରୀକ୍ଷା ନୁହେଁ; ଏହା ଧୈର୍ଯ୍ୟ, ନିୟମିତ ଅଭ୍ୟାସ ଓ ମାନସିକ ଦୃଢ଼ତାର ମଧ୍ୟ ପରୀକ୍ଷା। ପାୟଲଙ୍କ ପ୍ରଶିକ୍ଷଣ ଯାତ୍ରାରେ ଜମ୍ମୁ-କାଶ୍ମୀରର ପ୍ରତିଭାଶାଳୀ ପାରା ଧନୁର୍ଦ୍ଧର ଶୀତଳ ଦେବୀଙ୍କ ପ୍ରେରଣାର ମଧ୍ୟ ଗୁରୁତ୍ୱ ରହିଛି। ଶୀତଳ ନିଜେ ହାତ ନଥାଇ ଧନୁର୍ବିଦ୍ୟାରେ ଅନ୍ତର୍ଜାତୀୟ ସଫଳତା ହାସଲ କରିଛନ୍ତି। ତାଙ୍କ ପ୍ରଦର୍ଶନ ପାୟଲଙ୍କୁ ଏହି ଖେଳରେ ଆଗକୁ ବଢ଼ିବାର ଆଶା ଓ ପ୍ରେରଣା ଦେଇଥିଲା। ପରେ ଶୀତଳଙ୍କ ସହ ଏକାଠି ଖେଳିବା ଏବଂ ଅନ୍ତର୍ଜାତୀୟ ମଞ୍ଚରେ ଭାରତ ପାଇଁ ପଦକ ଜିତିବା ପାୟଲଙ୍କ ଯାତ୍ରାର ଏକ ସ୍ମରଣୀୟ ଅଧ୍ୟାୟ ପାଲଟିଛି।

## ଜାତୀୟ ପ୍ରତିଯୋଗିତାରୁ ଅନ୍ତର୍ଜାତୀୟ ମଞ୍ଚ

ପାୟଲଙ୍କ ଅନ୍ତର୍ଜାତୀୟ ସଫଳତା ହଠାତ୍ ମିଳିନାହିଁ। ଜାତୀୟ ସ୍ତରର ପ୍ରତିଯୋଗିତାରେ ନିଜ ଦକ୍ଷତା ପ୍ରମାଣ କରିବା ପରେ ସେ ଧୀରେ ଧୀରେ ବଡ଼ ମଞ୍ଚ ପାଇଁ ନିଜକୁ ପ୍ରସ୍ତୁତ କରିଥିଲେ। ୨୦୨୫ରେ ଜୟପୁରରେ ଆୟୋଜିତ ଷଷ୍ଠ ଜାତୀୟ ପାରା ଧନୁର୍ବିଦ୍ୟା ଚାମ୍ପିୟନସିପ୍ରେ ସେ ଦୁଇଟି ସ୍ୱର୍ଣ୍ଣ ପଦକ ଜିତିଥିଲେ। ଏହା ପରେ ନୂଆଦିଲ୍ଲୀରେ ଆୟୋଜିତ ଦ୍ୱିତୀୟ ଖେଲୋ ଇଣ୍ଡିଆ ପାରା ଗେମ୍ସରେ ରୌପ୍ୟ ପଦକ ହାସଲ କରିଥିଲେ। ଏହି ସଫଳତା ତାଙ୍କ ପ୍ରତିଭାକୁ ଆହୁରି ଦୃଢ଼ କରିଥିଲା। ପରବର୍ତ୍ତୀ ସମୟରେ ଜାତୀୟ ପ୍ରତିଯୋଗିତାରେ ମଧ୍ୟ ସେ ପଦକ ହାସଲ କରି ନିଜର ପ୍ରଦର୍ଶନରେ ନିୟମିତତା ଦେଖାଇଥିଲେ। ୨୦୨୫ରେ ଦୁବାଇରେ ଆୟୋଜିତ ଏସୀୟ ଯୁବ ପାରା ଗେମ୍ସରେ ଭାରତ ପକ୍ଷରୁ ଖେଳି ସେ କମ୍ପାଉଣ୍ଡ ଦଳଗତ ବର୍ଗରେ ବ୍ରୋଞ୍ଜ ପଦକ ଜିତିଥିଲେ। ଏହା ଥିଲା ତାଙ୍କର ଅନ୍ତର୍ଜାତୀୟ ଯାତ୍ରାର ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ। ଚଳିତ ବର୍ଷ ମଧ୍ୟ ତାଙ୍କ ପ୍ରଦର୍ଶନ ଉଲ୍ଲେଖନୀୟ ରହିଛି। ବ୍ୟାଙ୍କକ୍ରେ ଆୟୋଜିତ ବିଶ୍ୱ ଧନୁର୍ବିଦ୍ୟା ପାରା ସିରିଜ୍ରେ ସେ ଦୁଇଟି ସ୍ୱର୍ଣ୍ଣ ପଦକ ଜିତିଥିବାବେଳେ ଚେକ୍ ଗଣରାଜ୍ୟର ନୋଭେ ମେଷ୍ଟୋରେ ଗୋଟିଏ ବ୍ରୋଞ୍ଜ ପଦକ ହାସଲ କରିଥିଲେ। ଏହି ସଫଳତାଗୁଡ଼ିକ ତାଙ୍କୁ ଏସୀୟ ପାରା ଗେମ୍ସ ଭଳି ବଡ଼ ପ୍ରତିଯୋଗିତା ପାଇଁ ଅଧିକ ଆତ୍ମବିଶ୍ୱାସ ଦେଇଥିଲା। ୨୦୨୫ରେ ଉଦୀୟମାନ ଖେଳାଳି ଭାବେ ସେ ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର ମଧ୍ୟ ପାଇଥିଲେ।

**ସଫଳତାର ପଥ ସବୁବେଳେ ସହଜ ହୋଇ ନଥାଏ। କେତେକ ଲୋକଙ୍କ ପାଇଁ ଏହି ପଥରେ ପ୍ରତି ପାଦରେ ଥାଏ ସଂଘର୍ଷ, ଚ୍ୟାଲେଞ୍ଜ ଓ ଅସଂଖ୍ୟ ପ୍ରତିବନ୍ଧକ। କିନ୍ତୁ ଯେଉଁମାନେ ପ୍ରତିକୂଳ ପରିସ୍ଥିତି ଆଗରେ ହାର ମାନନ୍ତି ନାହିଁ, ସେମାନେ ନିଜ ଜୀବନର ଗତିପଥ ବଦଳାଇବା ସହ ଅନ୍ୟମାନଙ୍କ ପାଇଁ ମଧ୍ୟ ପ୍ରେରଣା ପାଲଟନ୍ତି।**

**-ଶକ୍ତି ପ୍ରକାଶ ନନ୍ଦ**




## ଏସୀୟ ପାରା ଗେମ୍ସରେ ରୌପ୍ୟ

ପାୟଲଙ୍କ କ୍ରୀଡ଼ା ଯାତ୍ରାରେ ଏକ ବଡ଼ ସଫଳତା ଯୋଡ଼ି ହୋଇଥିଲା ଜାପାନର ଆଇଚି-ନାଗୋୟାରେ ଆୟୋଜିତ ୨୦୨୬ ଏସୀୟ ପାରା ଗେମ୍ସରେ। ମହିଳା କମ୍ପାଉଣ୍ଡ ଡବଲ୍ସ ବର୍ଗରେ ସେ ଭାରତର ଶୀତଳ ଦେବୀଙ୍କ ସହ ମିଶି ରୌପ୍ୟ ପଦକ ଜିତିଥିଲେ। ଏହା ପାୟଲଙ୍କ ଏସୀୟ ପାରା ଗେମ୍ସରେ ପ୍ରଥମ ଅଂଶଗ୍ରହଣ ଥିଲା। ପ୍ରଥମ ଥରରେ ହିଁ ପଦକ ହାସଲ କରିବା ତାଙ୍କ ପ୍ରତିଭା ଓ ପ୍ରସ୍ତୁତିର ପ୍ରମାଣ। ଏହି ଇଭେଣ୍ଟରେ ଭାରତୀୟ ଯୋଡ଼ି ଯୋଗ୍ୟତା ପର୍ଯ୍ୟାୟରେ ମୋଟ ୧୩୭୯ ପଏଣ୍ଟ ହାସଲ କରିଥିଲେ। ଏହି ସ୍କୋର ଏସୀୟ ରେକର୍ଡ ଓ ଏସୀୟ ପାରା ଗେମ୍ସ ରେକର୍ଡ ସ୍ଥାପନ କରିଥିଲା। ଏଥିରେ ପାୟଲଙ୍କ ଅବଦାନ ଥିଲା ୬୭୫ ପଏଣ୍ଟ। ଯୋଗ୍ୟତା ପର୍ଯ୍ୟାୟରେ ଶୀର୍ଷ ସ୍ଥାନ ହାସଲ କରିବା ପରେ ଭାରତୀୟ ଯୋଡ଼ି ସେମିଫାଇନାଲରେ ଥାଇଲାଣ୍ଡର ପ୍ରତିଯୋଗୀଙ୍କୁ ୧୫୧-୧୩୫ ପଏଣ୍ଟରେ ପରାସ୍ତ କରି ଫାଇନାଲରେ ପହଞ୍ଚିଥିଲେ। ଫାଇନାଲରେ ଭାରତର ସାମ୍ନା ହୋଇଥିଲା ଚୀନର ଜୁ ଜୁଏକିଙ୍ଗ ଓ ଝାଓ ଜିଙ୍ଗଙ୍କ ସହ। ଚୀନ ଯୋଡ଼ି ଆରମ୍ଭରୁ ଭଲ ପ୍ରଦର୍ଶନ କରି ୧୫୦ ପଏଣ୍ଟ ହାସଲ କରିଥିଲେ। ଭାରତୀୟ ଯୋଡ଼ି ୧୪୧ ପଏଣ୍ଟରେ ଅଟକି ଯାଇଥିଲେ। ଫଳରେ ପାୟଲ ଓ ଶୀତଳଙ୍କୁ ରୌପ୍ୟ ପଦକରେ ସନ୍ତୁଷ୍ଟ ହେବାକୁ ପଡ଼ିଥିଲା। ସ୍ୱର୍ଣ୍ଣ ପଦକ ହାତଛଡ଼ା ହୋଇଥିଲେ ମଧ୍ୟ ଭାରତୀୟ ଯୋଡ଼ିଙ୍କ ପ୍ରଦର୍ଶନ ଉଲ୍ଲେଖନୀୟ ଥିଲା। ଏହି ପଦକ ଏସୀୟ ପାରା ଗେମ୍ସରେ ଭାରତର ପାରା ଧନୁର୍ବିଦ୍ୟା ଅଭିଯାନର ପ୍ରଥମ ପଦକ ମଧ୍ୟ ଥିଲା। ଏହି ସଫଳତାର ଗୁରୁତ୍ୱ ପାୟଲଙ୍କ ପାଇଁ ଆହୁରି ଅଧିକ। କାରଣ ସେ କେବଳ ନିଜ ରାଜ୍ୟର ପ୍ରତିନିଧିତ୍ୱ କରୁନଥିଲେ, ବରଂ ନିଜର ପ୍ରଥମ ଏସୀୟ ପାରା ଗେମ୍ସରେ ଅଭିଜ୍ଞ ଖେଳାଳି ଶୀତଳଙ୍କ ସହ ମିଶି ଦେଶ ପାଇଁ ପଦକ ଜିତିଥିଲେ। ଓଡ଼ିଶା ପାଇଁ ଏହା ଏକ ଗୌରବର ମୁହୂର୍ତ୍ତ ହୋଇଥିଲା।

## ବ୍ୟକ୍ତିଗତ ବର୍ଗରେ ଲଢୁଆ ମନୋଭାବ

ଏସୀୟ ପାରା ଗେମ୍ସରେ ପାୟଲ କେବଳ ଡବଲ୍ସ ବର୍ଗରେ ନୁହେଁ, ବ୍ୟକ୍ତିଗତ କମ୍ପାଉଣ୍ଡ ଇଭେଣ୍ଟରେ ମଧ୍ୟ ଅଂଶଗ୍ରହଣ କରିଥିଲେ। ପ୍ରି-କ୍ୱାର୍ଟର ଫାଇନାଲରେ ସେ ଚାଇନିଜ୍ ତାଇପେଇର ପ୍ରତିଯୋଗୀଙ୍କୁ ପରାସ୍ତ କରି ଆଗକୁ ବଢ଼ିଥିଲେ। ତେବେ କ୍ୱାର୍ଟର ଫାଇନାଲରେ ଜାପାନର ଆୟା ଶିନୋହାରାଙ୍କ ନିକଟରୁ ୧୩୧-୧୩୫ ପଏଣ୍ଟରେ ପରାଜିତ ହୋଇଥିଲେ। ଏହି ପରାଜୟ ତାଙ୍କ ବ୍ୟକ୍ତିଗତ ପଦକ ଆଶାକୁ ଶେଷ କରିଥିଲା, କିନ୍ତୁ ଡବଲ୍ସରେ ଜିତିଥିବା ରୌପ୍ୟ ପଦକ ତାଙ୍କ ଅଭିଯାନକୁ ସ୍ମରଣୀୟ କରିଦେଇଥିଲା। କ୍ରୀଡ଼ାରେ ବିଜୟ ଓ ପରାଜୟ ଦୁଇଟି ଯାତ୍ରାର ଅଂଶ। ପ୍ରତ୍ୟେକ ପ୍ରତିଯୋଗିତା ଖେଳାଳିଙ୍କୁ ନିଜର ଦକ୍ଷତା ଆକଳନ କରିବା ଏବଂ ଆଗାମୀ ପ୍ରତିଯୋଗିତା ପାଇଁ ଅଭ୍ୟାସକୁ ଅଧିକ ଶାଣିତ କରିବାର ସୁଯୋଗ ଦିଏ। ପାୟଲଙ୍କ ପାଇଁ ମଧ୍ୟ ଏହି ଅଭିଜ୍ଞତା ଭବିଷ୍ୟତର ପ୍ରସ୍ତୁତିରେ ଗୁରୁତ୍ୱ ବହନ କରିବ।




## ପ୍ରଶିକ୍ଷକ ଓ ଅଭ୍ୟାସର ଗୁରୁତ୍ୱ

ପାୟଲଙ୍କ ଉନ୍ନତି ପଛରେ ତାଙ୍କ ନିଜର ଦୃଢ଼ ଇଚ୍ଛାଶକ୍ତି ସହିତ ଉପଯୁକ୍ତ ପ୍ରଶିକ୍ଷଣ ଓ ଅନୁକୂଳ ଉପକରଣର ମଧ୍ୟ ଗୁରୁତ୍ୱ ରହିଛି। ସେ ଜମ୍ମୁର କଟରାସ୍ଥିତ ଶ୍ରୀ ମାତା ବୈଷ୍ଣୋ ଦେବୀ ଆର୍ଚେରୀ ଏକାଡେମୀରେ ପ୍ରଶିକ୍ଷଣ ନେଇଛନ୍ତି। ପ୍ରଶିକ୍ଷକ କୁଲଦୀପ ବେଦୱାନ ଓ ଅଭିଲାଷା ଚୌଧୁରୀଙ୍କ ମାର୍ଗଦର୍ଶନରେ ସେ ନିଜ କୌଶଳକୁ ଉନ୍ନତ କରିଛନ୍ତି। ପାରା କ୍ରୀଡ଼ାରେ ଖେଳାଳିଙ୍କ ଆବଶ୍ୟକତା ଅନୁଯାୟୀ ଉପକରଣ, ପ୍ରଶିକ୍ଷଣ ପଦ୍ଧତି ଓ ପ୍ରତିଯୋଗିତା ପାଇଁ ପ୍ରସ୍ତୁତି ଅତ୍ୟନ୍ତ ଜରୁରୀ। ପାୟଲଙ୍କ ଭଳି ଖେଳାଳିଙ୍କ ପାଇଁ ଏହା ଆହୁରି ଅଧିକ ଗୁରୁତ୍ୱପୂର୍ଣ୍ଣ। ତାଙ୍କ ପାଇଁ ଉପଯୁକ୍ତ ଯନ୍ତ୍ରପାତି ଓ ମୁହଁର ସହାୟତାରେ ଧନୁ ଚାଳନା କରିବାର ପଦ୍ଧତି ତାଙ୍କୁ ପ୍ରତିଯୋଗିତାରେ ନିଜ କ୍ଷମତା ଦେଖାଇବାର ସୁଯୋଗ ଦେଇଛି।

## ରାଜ୍ୟର ଗୌରବ, ଯୁବପିଢ଼ିଙ୍କ ପ୍ରେରଣା

ପାୟଲଙ୍କ ସଫଳତାକୁ ଓଡ଼ିଶାର କ୍ରୀଡ଼ା ମହଲରେ ପ୍ରଶଂସା କରାଯାଇଛି। ଏସୀୟ ପାରା ଗେମ୍ସରେ ରୌପ୍ୟ ପଦକ ଜିତିବା ପରେ ରାଜ୍ୟର କ୍ରୀଡ଼ା ସଂଗଠନଗୁଡ଼ିକ ତାଙ୍କୁ ଅଭିନନ୍ଦନ ଜଣାଇଥିଲେ। ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଧ୍ୟ ଶୀତଳ ଦେବୀ ଓ ପାୟଲ ନାଗଙ୍କୁ ଅଭିନନ୍ଦନ ଜଣାଇ ତାଙ୍କ ସଫଳତାକୁ ଦୃଢ଼ତା, ସହନଶୀଳତା ଓ ନାରୀଶକ୍ତିର ଉଦାହରଣ ଭାବେ ବର୍ଣ୍ଣନା କରିଥିଲେ। ପାୟଲଙ୍କ ସଫଳତା ଆମକୁ ପାରା କ୍ରୀଡ଼ାରେ ଅଧିକ ସୁଯୋଗ, ସୁବିଧା ଓ ପ୍ରଶିକ୍ଷଣର ଆବଶ୍ୟକତା ମଧ୍ୟ ମନେ ପକାଇଦିଏ। ପ୍ରତିଭା ଥିବା ସତ୍ତ୍ୱେ ଅନେକ ଖେଳାଳି ଉପଯୁକ୍ତ ଉପକରଣ, ଆର୍ଥିକ ସହାୟତା, ପ୍ରଶିକ୍ଷଣ କେନ୍ଦ୍ର ଓ ପ୍ରତିଯୋଗିତାର ସୁଯୋଗ ଅଭାବରେ ଆଗକୁ ବଢ଼ିପାରନ୍ତି ନାହିଁ। ପାୟଲଙ୍କ ଯାତ୍ରା ଦେଖାଉଛି ଯେ ଏହି ସୁଯୋଗଗୁଡ଼ିକ ମିଳିଲେ ଶାରୀରିକ ପ୍ରତିବନ୍ଧକ ଥିବା ଖେଳାଳିମାନେ ମଧ୍ୟ ଅନ୍ତର୍ଜାତୀୟ ମଞ୍ଚରେ ନିଜ ଦକ୍ଷତା ପ୍ରମାଣ କରିପାରନ୍ତି।

## ସ୍ୱପ୍ନର ଯାତ୍ରା ଏଠି ଶେଷ ନୁହେଁ

ଏସୀୟ ପାରା ଗେମ୍ସର ରୌପ୍ୟ ପଦକ ପାୟଲଙ୍କ ଜୀବନର ଏକ ବଡ଼ ସଫଳତା ହେଲେ ମଧ୍ୟ ଏହା ତାଙ୍କ ଯାତ୍ରାର ଶେଷ ନୁହେଁ। ଜାତୀୟ ଚାମ୍ପିୟନସିପ୍ରୁ ଆରମ୍ଭ କରି ବିଶ୍ୱ ପାରା ଧନୁର୍ବିଦ୍ୟା ସିରିଜ୍ ଓ ଏସୀୟ ପାରା ଗେମ୍ସ ପର୍ଯ୍ୟନ୍ତ ତାଙ୍କ ପ୍ରଦର୍ଶନ ଦେଖାଉଛି ଯେ ସେ ନିଜ ଖେଳରେ ନିରନ୍ତର ଉନ୍ନତି କରୁଛନ୍ତି। ଆଗାମୀ ଦିନରେ ଆହୁରି ବଡ଼ ମଞ୍ଚରେ ଖେଳିବା ଓ ଅଧିକ ପଦକ ହାସଲ କରିବା ତାଙ୍କ ଯାତ୍ରାର ପରବର୍ତ୍ତୀ ଲକ୍ଷ୍ୟ ହୋଇପାରେ। ପାୟଲଙ୍କ ଜୀବନର ସବୁଠାରୁ ବଡ଼ ଶିକ୍ଷା ହେଉଛି-ପରିସ୍ଥିତି ମଣିଷର ପଥକୁ କଷ୍ଟକର କରିପାରେ, କିନ୍ତୁ ଲକ୍ଷ୍ୟ ପ୍ରତି ଦୃଢ଼ତା ଓ ନିରନ୍ତର ପରିଶ୍ରମ ତାଙ୍କୁ ନୂଆ ପଥ ଖୋଜିବାର ସାହସ ଦେଇପାରେ। ଶୈଶବର ଦୁର୍ଘଟଣା ତାଙ୍କ ଜୀବନକୁ ବଦଳାଇଦେଇଥିଲା, କିନ୍ତୁ ତାଙ୍କ ସ୍ୱପ୍ନକୁ ଶେଷ କରିପାରିନଥିଲା। ମୁହଁର ସହାୟତାରେ ଧନୁ ଚାଳନା କରି ଲକ୍ଷ୍ୟଭେଦ କରୁଥିବା ପାୟଲ ଆଜି ପ୍ରମାଣ କରିଛନ୍ତି ଯେ ସଫଳତାର ପ୍ରକୃତ ଶକ୍ତି ଶରୀରର ସୀମାରେ ନୁହେଁ, ମନର ଦୃଢ଼ତାରେ ରହିଛି। ବଲାଙ୍ଗୀରର ଏହି ଝିଅଙ୍କ ରୌପ୍ୟ ପଦକ ଓଡ଼ିଶା ପାଇଁ ଗର୍ବର ବିଷୟ। ତାଙ୍କ କାହାଣୀ ଆଗାମୀ ପିଢ଼ିର ଖେଳାଳିଙ୍କୁ ସ୍ୱପ୍ନ ଦେଖିବା, ସଂଘର୍ଷକୁ ସାମ୍ନା କରିବା ଓ ପ୍ରତିବନ୍ଧକ ସତ୍ତ୍ୱେ ନିଜ ଲକ୍ଷ୍ୟ ଆଡ଼କୁ ଆଗେଇବାର ପ୍ରେରଣା ଦେବ। ପାୟଲଙ୍କ ଧନୁରୁ ଛୁଟୁଥିବା ପ୍ରତ୍ୟେକ ତୀର ଯେପରି ଲକ୍ଷ୍ୟ ଆଡ଼କୁ ଗତି କରେ, ସେହିପରି ତାଙ୍କ ସଂଘର୍ଷ ଓ ସଫଳତାର କାହାଣୀ ମଧ୍ୟ ଅନେକଙ୍କୁ ନିଜ ସ୍ୱପ୍ନ ପୂରଣ କରିବାର ପଥ ଦେଖାଉଛି।



ପ୍ରଥମେ ଟେଲିଭିଜନ ଏହା ପରେ ବଡ ପରଦା, ବର୍ତ୍ତମାନ ପ୍ରଯୋଜନା କ୍ଷେତ୍ରରେ ପାଦ ଥାପିଛନ୍ତି ଗୁରମିତ ଚୌଧୁରୀ । ଖୁବଶୀଘ୍ର ତାଙ୍କ ହୋମ୍ ପ୍ରଡକସନରେ ଆସିବାକୁ ଯାଉଛି ରୋମାଣ୍ଟିକ୍ ଡ୍ରାମା ସିନେମା 'ତୁମ୍ ମେରେ ହୋ', ଯାହାକୁ ନେଇ ଖୁବ ଚର୍ଚ୍ଚାରେ ଅଛନ୍ତି ଗୁରମିତ ।

# ଷ୍ଟାରରୁ ପ୍ରଡ୍ୟୁସରର ଯାତ୍ରା

ଭାରତୀୟ ମନୋରଞ୍ଜନ ଜଗତର ଜଣେ ଅତ୍ୟନ୍ତ ପ୍ରତିଭାବାନ୍, ଭର୍ସାଟାଇଲ ଅଭିନେତା ଭାବେ ଗୁରମିତ୍ ଚୌଧୁରୀ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି । ଏକ ସେନା ପରିବାରରୁ ଆସି ବଲିଉଡର ଗ୍ଲାମର ଦୁନିଆରେ ପାଦଦେବା ତାଙ୍କ ପାଇଁ ଖୁବ ସଂଘର୍ଷପୂର୍ଣ୍ଣ ଥିଲା । ସ୍ୱପ୍ନର ସହର ମୁମ୍ବାଇରେ ପାଦ ଥାପିବା ପରେ ତାଙ୍କର ପ୍ରାରମ୍ଭିକ ସମୟ ଖୁବ କଷ୍ଟଦାୟକ ଥିଲା । କ୍ୟାରିୟରର ପ୍ରାରମ୍ଭିକ ପର୍ଯ୍ୟାୟରେ ମଡେଲିଂ ଓ ଅଭିନୟ କ୍ଷେତ୍ରରେ ସ୍ଥାନ ପାଇବା ପାଇଁ ତାଙ୍କୁ ବହୁ କଠିନ ସଂଘର୍ଷ, ଅସଂଖ୍ୟ ଅଡିସନ୍‌ରେ ରିଜେକସନ ଓ ନିରାଶାର ସାମ୍ନା କରିବାକୁ ପଡ଼ିଥିଲା । ତଥାପି ନିଜର ନିରବଚ୍ଛିନ୍ନ ପରିଶ୍ରମ ଓ ଦୃଢ଼ ଇଚ୍ଛାଶକ୍ତି ବଳରେ ୨୦୦୮ ମସିହାରେ ପୌରାଣିକ ଟେଲିଭିଜନ୍ ଧାରାବାହିକ 'ରାମାୟଣ'ରେ ମହାପ୍ରଭୁ ଶ୍ରୀରାମଙ୍କ ଭୂମିକାରେ ନଜର ଆସିଥିଲେ । ଯାହା ତାଙ୍କ କ୍ୟାରିୟରକୁ ବଦଳାଇ ଦେଇଥିଲା । ଏହି ଚରିତ୍ରରେ ଅଭିନୟ କରି ସେ ସାରା ଦେଶର ଘରେ ଘରେ ନିଜର ଏକ ସ୍ୱତନ୍ତ୍ର ସ୍ଥାନ ତିଆରି କରିପାରିଥିଲେ । ଏହି ସଫଳତା ପରେ 'ଗୀତ୍ - ହୁଇ ସବ୍‌ସେ ପରାଇ'ରେ ମାନବ ଗୁପ୍ତା ଓ 'ପୁନର୍ବିବାହ'ରେ ଯଶ୍ ସିନ୍ଧିଆ ଭଳି ରୋମାଣ୍ଟିକ୍ ଚରିତ୍ରରେ ନିଜ ଅଭିନୟର ଯାଦୁ ଦେଖାଇଥିଲେ । ଏହାପରେ ସେ ଟେଲିଭିଜନ୍ ଜଗତର ସୁପରଷ୍ଟାର୍ ପାଲଟିଥିଲେ । କେବଳ ଧାରାବାହିକ ନୁହେଁ, ବରଂ 'ଝଲକ୍ ଦିଖ୍‌ଲା ଜା-୫'ର ବିଜେତା ହେବା ସହ 'ଖତରୋଁ କେ ଖିଲାଡ଼ି-୫' ଓ 'ନଚ୍ ବଲିୟେ' ଭଳି ଚର୍ଚ୍ଚିତ ରିଆଲିଟି ଶୋ'ରେ ମଧ୍ୟ ନିଜର ଟାଲେଣ୍ଟ ଦେଖାଇଥିଲେ । ଛୋଟ ପରଦାରେ ସଫଳତା ପରେ ସେ ବଲିଉଡ୍‌ର ବଡ଼ ପରଦାରେ ଡେବ୍ୟୁ କରିଥିଲେ । 'ଖାମୋଶିୟାଁ', 'ୱଜହ୍ ତୁମ୍ ହୋ' ଓ 'ପଲ୍‌ଟନ୍' ଭଳି ସୁପରହିଟ ଫିଲ୍ମରେ ଆକ୍ସନ୍ ଓ ରୋମାଣ୍ଟିକ୍ ଭୂମିକାରେ ଅଭିନୟ କରି ପ୍ରଶଂସା ସାଉଁଟିଥିଲେ । ନିଜର ଅଭିନୟ କ୍ୟାରିୟରରେ ସଫଳତାର ଶିଖର ଛୁଇଁଥିବା ଏହି ଲୋକପ୍ରିୟ ଅଭିନେତା ଏବେ ପ୍ରଯୋଜନା କ୍ଷେତ୍ରରେ ମଧ୍ୟ ପାଦ ଥାପିଛନ୍ତି । ନିଜସ୍ୱ ପ୍ରଯୋଜନା ସଂସ୍ଥା 'ଦେବଗୁରୁ ଫିଲ୍ମସ' ବ୍ୟାନରରେ ନିର୍ମିତ ଆଗାମୀ ବହୁପ୍ରତୀକ୍ଷିତ ରୋମାଣ୍ଟିକ୍ ଡ୍ରାମା ସିନେମା 'ତୁମ୍ ମେରେ ହୋ' ରେ ସେ ଲିଡ ଭୂମିକାରେ ନଜର ଆସିବେ । ଏଥିରେ ସେ ଅଭିନେତ୍ରୀ ଇଶା ମାଲବ୍ୟଙ୍କ ସହ ମୁଖ୍ୟ ଭୂମିକାରେ ନଜର ଆସୁଛନ୍ତି । ଯେଉଁଥିରେ ଗୁରମିତ୍ ଓ ଇଶାଙ୍କର ଏକ ନିଆରା କେମେଷ୍ଟ୍ରୀ ଦେଖିବାକୁ ମିଳିବ । ଆଗକୁ ମଧ୍ୟ ଆହୁରି ଭଲଭଲ ପ୍ରୋଜେକ୍ଟ ନିଜ ଫ୍ୟାନଙ୍କୁ ଗୁରମିତ ଭେଟି ଦେବେ ବୋଲି ଆଶା ରଖିଛନ୍ତି ।